
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୦ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 JANUARY 2024
Vol.No. 35 ■ No.10 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋଦୀ ସରକାରର ବଡ ପ୍ଲାନ୍

## ଲାକ୍ଷାଦ୍ୱୀପରେ ନିର୍ମାଣ ହେବ ନୂଆ ବିମାନବନ୍ଦର



ନୂଆଦିଲ୍ଲୀ, ୯/୧ : ଲାକ୍ଷାଦ୍ୱୀପକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନୂଆ ପ୍ଲାନ୍ । ଭାରତ ସରକାର ଲାକ୍ଷାଦ୍ୱୀପର ମିନିକୟ ଦ୍ୱୀପ ଉପରେ ଏକ ନୂଆ ଏୟାରପୋର୍ଟର ନିର୍ମାଣ କରିବାକୁ ଯାଉଛନ୍ତି । ତେବେ ଏହି ନୂଆ ବିମାନବନ୍ଦରଟି ଦୁଇଟି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ବୋଲି ସୂଚନା ମିଳୁଛି । ପ୍ରଥମତଃ ଏଠାରୁ ସେନାର ଲଢୁଆ ବିମାନ ଓ ସେନାର ଏୟାରକ୍ରାଫ୍ଟମାନେ ଉଡାଣ ଭରିବେ ଏବଂ ଲ୍ୟାଣ୍ଡ କରିବେ । ଦ୍ୱିତୀୟତଃ ଏହି ବିମାନବନ୍ଦରରୁ ସାଧାରଣ ଯାତ୍ରୀ ଏବଂ ବିମାନ ମଧ୍ୟ ଉଡାଣ ଭରିପାରିବ ।ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଲାକ୍ଷାଦ୍ୱୀପର ମିନିକୟ ଦ୍ୱୀପରେ ଏହି ବିମାନବନ୍ଦରର ନିର୍ମାଣ କରାଯିବ । ଯାହାକୁ ଭାରତୀୟ ସେନା ସହିତ ସାଧାରଣ ଲୋକ ମଧ୍ୟ ବ୍ୟବହାର କରିପାରିବେ । ଏହା ପୂର୍ବରୁ ସେଠାରେ କେବଳ ଏକ ମିଲିଟ୍ରି ଏୟାରଫିଲ୍ଡ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ହେଲେ ଏହାକୁ ଏବେ ଅପଗ୍ରେଡ୍ କରି ବର୍ତ୍ତମାନ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଉପଲବ୍ଧ କରାଯିବ । ତେବେ ଯଦି ସେଠାରେ ଏହି ବିମାନବନ୍ଦର ନିର୍ମାଣ ହୁଏ, ତେବେ ଭାରତ ଆରବ ସାଗର ଓ ଭାରତ ମହାସାଗର ଉପରେ ଭଲ ଭାବେ ନଜର ରଖିପାରିବ । ଖାଲି ସେତିକି ନୁହେଁ, ନୌସେନା ଏବଂ ବାୟୁସେନା ପାଇଁ ଭାରତ ମହାସାଗର ଓ ଆରବ ସାଗରରେ ଅପରେସନ୍ କରିବା ସହଜ ହେଇଯିବ । ଏହାସହ ଚୀନର ଗତିବିଧି ଉପରେ ମଧ୍ୟ ନଜର ରଖିହେବ । ତେବେ ମିନିକୟ ଦ୍ୱୀପ ଉପରେ ବିମାନବନ୍ଦର ନିର୍ମାଣ କରିବାକୁ ସର୍ବପ୍ରଥମେ ଭାରତୀୟ ତଟରକ୍ଷୀ ବାହିନୀ ପ୍ରସ୍ତାବ ଦେଇଥିଲା । ଆଉ ବର୍ତ୍ତମାନ ସେହି ପ୍ରସ୍ତାବ ଅନୁସାରେ, ଭାରତୀୟ ବାୟୁସେନା ଏହି ବିମାନବନ୍ଦରର ସଞ୍ଚାଳନ କରିବ । ସୂଚନାଯୋଗ୍ୟ ଯେ, ଲାକ୍ଷାଦ୍ୱୀପ ପାଖରେ ବର୍ତ୍ତମାନ ଏବେ କେବଳ ଗୋଟିଏ ଏୟାରଷ୍ଟ୍ରିପ୍ ରହିଛି । ଯାହାକି ଅଗାତି ଦ୍ୱୀପ ଉପରେ ରହିଛି । ହେଲେ ସେଠାରେ ବର୍ତ୍ତମାନ ସବୁ ପ୍ରକାର ବିମାନ ଲ୍ୟାଣ୍ଡ କରିପାରୁନି । ହେଲେ ନୂଆ ବିମାନବନ୍ଦର ହେଲେ ଲାକ୍ଷାଦ୍ୱୀପର ପର୍ଯ୍ୟଟନକୁ ନୂଆ ଦିଗ ମିଳିବ ବୋଲି କୁହାଯାଉଛି ।

# ଓଏଏସ୍ ବଦଳି: ରାଜ୍ୟ ମ୍ୟୁଜିୟମ୍ ନିର୍ଦ୍ଦେଶକ ହେଲେ ଅନୁଜ ଦାସ ପଟ୍ଟନାୟକ




ଭୁବନେଶ୍ୱର, ୯ /୧ (ନି.ପ୍ର): ବରିଷ୍ଠ ଓଏଏସ୍ ଅଫିସର ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ରାଜ୍ୟ ମ୍ୟୁଜିୟମ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ଆଜି ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ମ୍ୟୁଜିୟମ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେହିପରି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାର ସେସଙ୍କୁ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ବ୍ରହ୍ମପୁର ଆରଡିସି ଅଫିସକୁ ତାଙ୍କର ପୂର୍ବ ବଦଳିକୁ ବାତିଲ କରାଯାଇଛି । ସେହିପରି କଟକ ମହାନଗର ନିଗମର ଡେପୁଟି କମିଶନର ସଞ୍ଜିବିତା ରାୟଙ୍କୁ କଟକସ୍ଥିତ ଟେକନିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ଓଏଏସ୍ ବିନୋଦ କୁମାର ଜେନାଙ୍କୁ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଶ୍ରୀ ଜେନା ଏବେ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଅଛନ୍ତି । ସେହିପରି କଟକସ୍ଥିତ ଟେକନିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶାଳୟର ଡେପୁଟି ନିର୍ଦ୍ଦେଶିକା ଅନାମିକା ସିଂଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଡେପୁଟି ସିଇଓ ଭାବେ ବଦଳି ହୋଇଛି ।

# ଅମିତ୍ ଶାହଙ୍କୁ ଭେଟିଲେ ଭର୍ତ୍ତୃହରି



ଭୁବନେଶ୍ୱର, ୯ /୧ (ନି.ପ୍ର): ବିଜେଡିରେ ଦୀର୍ଘଦିନ ଧରି କୋଣଠେସା ହୋଇ ରହିଥିବା ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କ ପରବର୍ତ୍ତୀ ରାଜନୀତିକ ପଦକ୍ଷେପକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଚାଣକ୍ୟ ଅମିତ୍ ଶାହଙ୍କୁ ତାଙ୍କ ବାସଭବନରେ ସେ ଭେଟିଥିବା ଜଣାପଡ଼ିଛି । ଏହି ଭେଟଘାଟକୁ ନେଇ ରାଜ୍ୟ ରାଜନୀତିରେ ମଧ୍ୟ ନୂଆ ସମୀକରଣ ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । କଟକ ସଂସଦୀୟ କ୍ଷେତ୍ରରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେପି ପ୍ରାର୍ଥୀ କରିବାର ସମ୍ଭାବନା ଥିବାରୁ ଭର୍ତ୍ତୃହରିଙ୍କ ମାଧ୍ୟମରେ ଦଳର ଶୀର୍ଷ ନେତୃତ୍ୱ ଏବେ ବୈଷ୍ଣବଙ୍କ ଜିତିବାକୁ ସୁନିଶ୍ଚିତ କରିବା ନିମନ୍ତେ ମାର୍ଗ ପ୍ରଶସ୍ତ କରୁଥିବା ଜଣାପଡ଼ିଛି । ରାଜନୀତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ,ଭର୍ତ୍ତୃହରିଙ୍କୁ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଟିକେଟ୍ ଦେଇନପାରେ । ଯଦିଓ ୨୦୧୯ ମସିହାରେ ବିଜେଡି ଶେଷ ମୁହୂର୍ତ୍ତରେ ଦଳ ତାଙ୍କୁ ଟିକେଟ୍ ଦେଇଥିଲା । ମାତ୍ର ଏଥର ଦଳ ଭର୍ତ୍ତୃହରିଙ୍କ ବଦଳରେ ଜଣେ ଡାକ୍ତରଙ୍କୁ ବିଜେଡି ସାଂସଦ ପ୍ରାର୍ଥୀ କରିବାର ସମ୍ଭାବନା ଥିବାରୁ ସୁଚିନ୍ତିତ ଢଙ୍ଗରେ ଭର୍ତ୍ତୃହରିଙ୍କୁ କୋଣଠେସା

▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଏମଭିଆଇ: ଭୁବନେଶ୍ୱରରେ ୩୧ଟି ପ୍ଲଟ୍ ଠାବ,୧୦ ବେନାମୀ ପ୍ଲଟ୍ ବି ଅଛି



ନୟାଗଡ଼ , ୯/୧ (ନି.ପ୍ର): ନୟାଗଡ଼ ଏମଭିଆଇ ପଂଚାନନ ବେହେରାଙ୍କର କୋଟି କୋଟି ଟଙ୍କାର ବେନାମୀ ସମ୍ପତ୍ତି ଓ ଆୟବର୍ହିଭୁତ ସମ୍ପତ୍ତି ଠାବ କରିଛି ରାଜ୍ୟ ଭିଜିଲାନ୍ସ । କେବଳ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩୧ଟି ମୂଲ୍ୟବାନ ପ୍ଲଟ୍ ରହିଛି । ସେଥିରୁ ୧୦ଟି ବେନାମୀ ବି ଅଛି । ଆଉ ଶୈଳେଶ୍ରୀ ବିହାର ଓ ପାଣ୍ଡରାରେ ବି ୫୪୦୦ବର୍ଗଫୁଟ ଅଂଚଳରେ କୋଠା ରହିଛି । ୭୨ଲକ୍ଷ ଟଙ୍କା ଡିପୋଜିଟ୍ ମଧ୍ୟ ଠାବ ହୋଇଛି । ରାଜ୍ୟ ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ନୟାଗଡ଼ ଏମଭିଆଇ ଶ୍ରୀ ବେହେରାଙ୍କ ସାଲେପୁରସ୍ଥିତ ପୈତୃକଘର ସମେତ ମୋଟ ୭ଟି ସ୍ଥାନରେ ଚଢ଼ଉ ହୋଇଥିଲା । ଆୟ ବର୍ହିଭୁତ କୋଟି କୋଟି ଟଙ୍କାର ସମ୍ପତ୍ତି ସେ ଠୁଳ କରିଥିବା ଜଣାପଡ଼ିଛି । ଆଖି ଖୋସି ହୋଇଯିବା ଭଳି ତାଙ୍କର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି । କେବଳ ରାଜଧାନୀ ଭୁବନେଶ୍ୱରରେ ୧୦ଟି ବେନାମୀ ପ୍ଲଟ୍ ସହ ମୋଟ ୩୧ଟି ପ୍ଲଟ ତାଙ୍କର ରହିଛି । ଯାହାର ମୂଲ୍ୟ ପ୍ରାୟ ୨.୧୦କୋଟି ଟଙ୍କା ପଞ୍ଜିକରଣ ଦସ୍ତାବିଜରେ ଉଲ୍ଲେଖ ଅଛି । ମାତ୍ର ଏହାର ବାସ୍ତବ ମୂଲ୍ୟ ଢ଼େରଗୁଣ

▶▶ପୃଷ୍ଠା ୭

# ବଢ଼ିବ ଆଶାଦିଦି ଓ ଅଙ୍ଗନବାଡ଼ି କର୍ମୀଙ୍କ ଦରମା

ଭୁବନେଶ୍ୱର, ୯/୧ (ନି.ପ୍ର): ଆଶାଦିଦି ଓ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ବଢ଼ିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ ଶୀଘ୍ର ଏନେଇ ଘୋଷଣା କରିବେ ବୋଲି ୫ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ୍ କହିଛନ୍ତି । ନବରଙ୍ଗପୁର ରାଇଘର ମିନି ଷ୍ଟାଡିୟମରେ ଆୟୋଜିତ ଧନ୍ୟବାଦ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ କମ୍ୟୁନିଟି ସେଂଟର କର୍ମଚାରୀମାନଙ୍କର ମଧ୍ୟ ଦରମା ବୃଦ୍ଧି ହେବ । ଏମ୍‌ବିକେ ଓ ସିଆରପିଙ୍କ ଦରମା ବୃଦ୍ଧି ପାଇଁ ଯୋଜନା ଚାଲିଛି । ମଧୁବାବୁ ପେନ୍‌ସନ୍ ମଧ୍ୟ ବୃଦ୍ଧି ହେବ । ସେହିଭଳି ପାଚିକାମାନଙ୍କର ଦରମା ବଢ଼ାଇବା ପାଇଁ ସରକାର ଚିନ୍ତା କରୁଛନ୍ତି । ଦରମା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ।

# ସିଇଓ ମା'ର ସାଂଘାତିକ ଅପରାଧ: ହୋଟେଲ ରୁମରେ ପୁଅକୁ ହତ୍ୟା



କର୍ଣ୍ଣାଟକ, ୯/୧ : କର୍ଣ୍ଣାଟକରୁ ଆସିଛି ଛାତିଥରା ହତ୍ୟା ମାମଲା । ପିଶାଚୀ ସାଜିଲା ମା' । ୪ ବର୍ଷର କୁନି ପୁଅକୁ ହତ୍ୟା କଲା ମା' । ପୁଅକୁ ଗୋଆ ବୁଲାଇ ଆଣି ହତ୍ୟା କରିବା ଘଟଣା ଏବେ ଚାଂଚଲ୍ୟ ସୃଷ୍ଟି କରିଛି । ସବୁଠୁ ବଡ କଥା ହେଉଛି ଅଭିଯୁକ୍ତ ମା' ଜଣେ ଜଣାଶୁଣା ତଥା ଶିକ୍ଷିତ ଚେହେରା । କର୍ଣ୍ଣାଟକର ଏକ ଷ୍ଟାଟଅପ କମ୍ପାନୀ ଏଆଇ-ଲ୍ୟାବର ସହ ପ୍ରତିଷ୍ଠାତା ଓ ସିଇଓ । ନାଁ ସୂଚନା ସେଠ । ବୟସ ୩୯ବର୍ଷ । ଶନିବାର ପୁଅକୁ ନେଇ ଗୋଆ ଯାଇଥିଲେ । ସମୁଦ୍ର ନିକଟ ଏକ ହୋଟେଲରେ ରହିଥିଲେ । ସୂଚନା ଅନସାରେ ସୋମବାର ହୋଟେଲ ରୁମ ଛାଡିଥିଲେ ସୂଚନା । ଯିବା ସମୟରେ ସାଥୀରେ ପୁଅକୁ ଦେଖିବାକୁ ପାଇନଥିଲେ ହୋଟେଲ କର୍ମଚାରୀ । ପଚାରିବାରୁ ସନ୍ତୋଷଜନକ ଉତ୍ତର ଦେଇନଥିଲେ ସୂଚନା । ସନ୍ଦେହ ପ୍ରକାଶ କରିଥିଲେ ହୋଟେଲ କର୍ମଚାରୀ । ପରେ ସୂଚନା ରହୁଥିବା

▶▶ପୃଷ୍ଠା ୭

# ଶିମ୍ଲାର ଜୁବ୍ବଲରେ କାର୍ ଖାଇରେ ଖସି ଚାରିଜଣଙ୍କ ମୃତ୍ୟୁ

ଶିମଲା, ୯/୧ : ଜିଲ୍ଲା ଶିମ୍ଲାର ଜୁବ୍ବଲ ଥାନା ଅଂଚଳରେ ଏକ କାର୍ ଗଭୀର ଖାଇରେ ଖସିବାରୁ ଚାରିଜଣଙ୍କ ମୃତ୍ୟୁ ହୋଇଛି । କାର୍‌ରେ ଚାରିଜଣ ଲୋକ ଥିଲେ । ସମସ୍ତ ମୃତକ ନେପାଳର ଏବଂ ସେମାନଙ୍କ ମଧ୍ୟରେ ଦୁଇଜଣ ପୁରୁଷ ଏବଂ ଦୁଇଜଣ ସ୍ତ୍ରୀ ଥିଲେ । ଦୁର୍ଘଟଣାରେ ଦୁଇ ଦମ୍ପତିଙ୍କ ମୃତ୍ୟୁ ହୋଇଯାଇଛି । କାର୍ ସବାର ସରସ୍ୱତୀନଗରରୁ ଆନନ୍ଦପୁର ଆଡ଼କୁ ଯାଉଥିବାବେଳେ ଚିକକେଂଚି ନାମକ ସ୍ଥାନରେ ଚାଳକ ନିୟନ୍ତ୍ରଣ ହରାଇଥିଲେ ଏବଂ କାର୍ ରାସ୍ତାରୁ ସିଧା ଖାଇରେ ପଡ଼ି ଯାଇଥିଲା । ଦୁର୍ଘଟଣା ସୋମବାର ମଧ୍ୟାହ୍ନ ପ୍ରାୟ ୨ଟାରେ ହୋଇଥିଲା ଏବଂ କାର୍‌ର ଡୋର୍ ଉଡ଼ି ଯାଇଥିଲା । ଏହାର ସୂଚନା ମିଳିବା ପରେ ଜୁବ୍ବଲ ପୋଲିସ ଟିମ୍ ଘଟଣାସ୍ଥଳରେ ପହଂଚିଥିଲା ଏବଂ ଶବକୁ ବାହାର କରିବା କାମରେ ଲାଗି ପଡ଼ିଥିଲେ । ଖବର ଜଣାପଡ଼ିବା ପର୍ଯ୍ୟନ୍ତ ଖାଇରୁ ଶବକୁ ବାହାର କରିବା କାମ ଜାରି ରହିଥିଲା ।

# ସିଟ ଶେୟାରିଂକୁ ନେଇ ଏମଭିଏରେ ବିବାଦ



ମହାରାଷ୍ଟ୍ର, ୯/୧ : ମହାରାଷ୍ଟ୍ରରେ ଏନସିପି, ଶିବସେନା(ୟୁବିଟି) ଓ କଂଗ୍ରେସକୁ ନେଇ ଗଠନ ହୋଇଥିବା ମହା ବିକାଶ ଅଘାଡି(ଗଠଇ)ରେ ସିଟ ଶେୟାରିଂ ଫର୍ମୁଲାକୁ ନେଇ ବିବାଦ ସୃଷ୍ଟି ହୋଇଛି । ବିଜେପି ବିରୋଧରେ ଏହି ଦଳଗୁଡ଼ିକ ମହାରାଷ୍ଟ୍ରରେ ଏକାଠି ଲୋକସଭା ନିର୍ବାଚନ ଲଢ଼ିବେ । କିନ୍ତୁ କେଉଁ ଦଳ କେତୋଟି ଆସନରେ ଲଢ଼ିବ, ତା'କୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି । ଗତ ସପ୍ତାହରେ କଂଗ୍ରେସ ପକ୍ଷରୁ ମହାରାଷ୍ଟ୍ରର ସମସ୍ତ ୪୮ ଆସନରେ ଆଶାୟୀ ପ୍ରାର୍ଥୀଙ୍କ ଠାରୁ ଆବେଦନପତ୍ର ମଗାଯାଇଥିଲା । କିନ୍ତୁ ଏବେ ଶିବସେନା(ୟୁଟିବି) ସାଂସଦ ସଞ୍ଜୟ ରାଉତ ଦଳ ପାଇଁ ୨୩ଟି ଆସନ ମାଗିଛନ୍ତି । ୨୦୧୯ ସାଧାରଣ ନିର୍ବାଚନ ବେଳେ ଶିବସେନା ଓ ବିଜେପି ମଧ୍ୟରେ ମେଣ୍ଟ ହୋଇଥିଲା । ସେତେବେଳେ ମଧ୍ୟ ଶିବସେନା ୨୩ଟି ଆସନରେ ଲଢ଼ିଥିଲା । ତେଣୁ ଶ୍ରୀ ରାଉତ ୨୦୨୪ ନିର୍ବାଚନରେ ମଧ୍ୟ ସମାନ ଆସନ ଦାବି କୀରିଛନ୍ତି । ସଞ୍ଜୟ ରାଉତ କହିଛନ୍ତି ଯେ ଶିବସେନା ସବୁବେଳେ ୨୩ଟି ଆସନରେ ଲଢ଼ି ଆସିଛି । ବିଜେପି ସହ ମେଣ୍ଟରେ ଥିବା ବେଳେ ମଧ୍ୟ ଦଳ ୨୩ଟି ଆସନରେ ଲଢ଼ିଥିଲା । ତେଣୁ ଦଳର ଦାବି ଯଥାର୍ଥ ବୋଲି ସେ କହିଛନ୍ତି । ସେ କହିଛନ୍ତି, "ଆମେ ୨୦୧୯ରେ ୧୮ଟି ଆସନରେ ଜିତିଥିଲୁ ।

▶▶ପୃଷ୍ଠା ୭

# କ୍ରୀଡ଼ା ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କ୍ରୀଡ଼ାବିତଙ୍କୁ ପୁରସ୍କାର ପ୍ରଦାନ

## କ୍ରିକେଟର ମହମ୍ମଦ ସାମୀଙ୍କ ସମେତ ୨୬ଜଣଙ୍କୁ ଅର୍ଜୁନ ପୁରସ୍କାର



ନୂଆଦିଲ୍ଲୀ, ୯/୧ : ଅର୍ଜୁନ ପୁରସ୍କାର ପାଇଲେ ଭାରତୀୟ କ୍ରିକେଟର ମହମ୍ମଦ ସାମି । ରାଷ୍ଟ୍ରପତି ଭବନରେ ଆୟୋଜିତ ଜାତୀୟ କ୍ରୀଡା ପୁରସ୍କାର ପ୍ରଦାନ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଅର୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି ମହମ୍ମଦ ସାମି । ୨୦୨୩ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ ଲାଗି ବିସିସିଆଇ ପକ୍ଷରୁ ମହମ୍ମଦ ସାମିଙ୍କ ନାଁ ଅର୍ଜୁନ ପୁରସ୍କାର ପାଇଁ ସୁପାରିଶ କରାଯାଇଥିଲା । ବିଶ୍ୱକପରେ ମୋଟ ୭ଟି ମ୍ୟାଚରେ ୨୪ଟି ୱିକେଟ ନେଇଥିଲେ ସାମି । ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ସର୍ବାଧିକ ୭ଟି ୱିକେଟ ନେଇଥିଲେ ଏହି ଭାରତୀୟ ବୋଲର । କ୍ରିକେଟ ଜଗତରେ ଏହି ଉତ୍କୃଷ୍ଟ ପ୍ରଦର୍ଶନ ଲାଗି ତାଙ୍କୁ ଅର୍ଜନ ପୁରସ୍କାର ପ୍ରଦାନ କରାଯାଇଛି । ୨୦୧୩ରେ ଭାରତ ପାଇଁ ଡେବ୍ୟୁ କରିଥିବା ମହମ୍ମଦ ସାମି କ୍ୟାରିୟରରେ ବର୍ତମାନ ପର୍ଯ୍ୟନ୍ତ ୬୪ଟି ଟେଷ୍ଟ, ୧୦୧ଟି ଦିନିକିଆ ଏବଂ ୨୩ଟି ଟି-୨୦ ମ୍ୟାଚ ଖେଳି ୪୪୮ଟି ୱିକେଟ ନେଇସାରିଛନ୍ତି । ଅର୍ଜୁନ ପୁରସ୍କାର ପାଇବା ସମସ୍ତଙ୍କ ଭାଗ୍ୟରେ ଜୁଟି ନଥାଏ, ଏହା ମୋ ପାଇଁ ଗର୍ବର

▶▶ପୃଷ୍ଠା ୭

# ରାମ ମନ୍ଦିର ସମସ୍ତଙ୍କର, କେବଳ ବିଜେପିର ନୁହେଁ: କମଲନାଥ



ନୂଆଦିଲ୍ଲୀ, ୯/୧ : ଆସନ୍ତା ୨୨ ତାରିଖରେ ରାମ ମନ୍ଦିରରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏହାକୁ ନେଇ ସାରା ଦେଶରେ ଉତ୍ସାହର ମାହୋଲ ରହିଛି । ବିଜେପି ଏହି ସମାରୋହକୁ ନେଇ ଟିକେ ଅଧିକା ଉତ୍ସାହିତ ଅଛି । ଏହାରି ଭିତରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା କମଲ ନାଥ ରାମ ମନ୍ଦିରକୁ ନେଇ ବିଜେପିକୁ କଡ଼ା ଟାର୍ଗେଟ୍ କରିଛନ୍ତି । ଛିନ୍ଦୱାଡା ଗସ୍ତରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ ଅଯୋଧ୍ୟା ରାମ ମନ୍ଦିରକୁ ନେଇ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି, 'ମନ୍ଦିର ପୂରା ଦେଶର । ରାମ ମନ୍ଦିର ସମସ୍ତଙ୍କର । ବିଜେପି ପାଖରେ ଏହାର କୌଣସି ଲିଜ୍ ବା ପଟ୍ଟା ନାହିଁ । କେବଳ କ୍ରେଡିଟ୍ ନେବା ପାଇଁ ଚେଷ୍ଟା ଚାଲିଛି ।' 'ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଆଧାରରେ ଏହି ମନ୍ଦିର ନିର୍ମାଣ କରାଯାଉଛି । ବର୍ତ୍ତମାନ ସେଠାରେ ବିଜେପି ସରକାର ଅଛି, ତେଣୁ ନିର୍ମାଣ ଦାୟିତ୍ୱ ସେମାନଙ୍କର ଅଟେ ବୋଲି କମଲନାଥ କହିଛନ୍ତି । ଖୁବ ଶୀଘ୍ର ଅଯୋଧ୍ୟା ଯାଇ ସେ ରାମ ମନ୍ଦିର ପରିଦର୍ଶନ କରିବେ ବୋଲି ମଧ୍ୟ କହିଛନ୍ତି

▶▶ପୃଷ୍ଠା ୭

# ନୀଳଗିରିରେ ପୂଜିତ ଅକ୍ଷତ ଓ ଶ୍ରୀରାମଙ୍କ ନିମନ୍ତ୍ରଣ ପତ୍ର ବିତରଣ



ନୀଳଗିରି , ୯/୧ (ନି.ପ୍ର): ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ତରଫରୁ ଆସିଥିବା ପୂଜିତ ଅକ୍ଷତ ଓ ଶ୍ରୀରାମଙ୍କ ନିମନ୍ତ୍ରଣ ପତ୍ର ଘରେ ଘରେ ବିତରଣ କରିବା ପାଇଁ ଜାନୁଆରୀ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ମହାସମ୍ପର୍କ ଅଭିଯାନ ସାରା ଭାରତ ବର୍ଷରେ ଚାଲୁଛି। ଆଜି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନୀଳଗିରି ତରଫରୁ ନୀଳଗିରି ସହରର ୬ ନଂ ୱାର୍ଡରେ ମହାସମ୍ପର୍କ ଅଭିଯାନ ଆରମ୍ଭ ହୋଇଅଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ମାନ୍ୟବର ବିଧାୟକ ସୁକାନ୍ତ କୁମାର ନାୟକ, ଚନ୍ଦ୍ରବିନ୍ଦୁ ଦାସ, ଚନ୍ଦ୍ରଶେଖର ନନ୍ଦ ଓ ବହୁ ରାମଭକ୍ତ ସାମିଲ ହୋଇ ଘରକୁ ଘର ବୁଲି ଅକ୍ଷତ ଓ ଅଯୋଧ୍ୟାରୁ ଆସିଥିବା ନିମଂତ୍ରଣ ପତ୍ର ବାଣ୍ଟିବା ସହ ଲୋକମାନଙ୍କୁ ଜାନୁଆରୀ ୨୨ ତାରିଖରେ ପ୍ରତ୍ୟେକ ଘରେ ଦୀପ ପ୍ରଜ୍ୱଳନ କରି ଦୀପାବଳି ପାଳିବା ପାଇଁ ନିବେଦନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଏକ ମୁସଲମାନ ପରିବାରକୁ ମଧ୍ୟ ରାମ ମନ୍ଦିରର ନିମନ୍ତ୍ରଣ ପତ୍ର ଦେଇଥିବା ଦେଖିବାକୁ ମିଳିଥିଲା। ଯାହା ଭାଇଚାରାର ବାର୍ତ୍ତା ଦେଉଥିବା ବୁଦ୍ଧିଜୀବି କହିଛନ୍ତି।

# ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୯/୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଡଙ୍ଗରଛିଂଚି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ସହ ମାଗଣା ସ୍ୱାସ୍ଥ୍ୟ ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ. ନିସା, ଡବ୍ଲୁଇଓ ଅଭା ପ୍ରଧାନ, ସିଡିପିଓ ସୁଚିତା ପଣ୍ଡା, ସରପଂଚ, ସମିତି ସଭ୍ୟା. ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ , ହଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ବିଦ୍ୟାଳୟ ଗୃହ ମରାମତି, ଷ୍ଟିଟ ଲାଇଟ ସମସ୍ୟାର ସମାଧାନ ଆଦି ଉପରେ ଅଭିଯୋଗ କରାଯାଇଥିଲା ।

# ସେଲ, ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀଙ୍କ ପାଇଁ 'ଶରୀର, ମନ, ଏବଂ ହୃଦୟର ନେତୃତ୍ୱ' ଉପରେ କର୍ମଶାଳାର ଶୁଭାରମ୍ଭ



ରାଉରକେଲା, ୯/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀଙ୍କ ପାଇଁ 'ଶରୀର, ମନ, ଏବଂ ହୃଦୟର ନେତୃତ୍ୱ' ଉପରେ ଆୟୋଜିତ ଏକ ଦୁଇ ଦିନିଆ କର୍ମଶାଳାକୁ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ମାନବ ସମ୍ବଳ ବିକାଶ କେନ୍ଦ୍ର ଠାରେ ଜାନୁଆରୀ ୮ ତାରିଖ ଦିନ ଉଦଘାଟନ କରିଥିଲେ। ଏହି ଅବସରରେ କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ମାନବ ସମ୍ବଳ ବିକାଶ କେନ୍ଦ୍ର ର ମୁଖ୍ୟ ମହାପ୍ରବନ୍ଧକ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଏବଂ ଜୟଗଙ୍ଗା ଲାଇଫ୍ କୋଚିଂ ର ପ୍ରତିଷ୍ଠାତା, ଚେୟାରମ୍ୟାନ୍ ତଥା ଗୁରୁ କିରଣଜୀ ଉପସ୍ଥିତ ଥିଲେ। ଏହି ଉଦ୍ ?ଘାଟନୀ ଅଧିବେଶନରେ ଯୋଗ ଦେଇ ଶ୍ରୀ ଭୌମିକ କହିଥିଲେ ଯେ, "ସେଲ ହେଉଛି ଏକ ପରିବାର ଏବଂ ସମସ୍ତେ ସୁସ୍ଥ ଏବଂ ଖୁସିରେ ରୁହନ୍ତୁ ଏହା ଆମର କାମ୍ୟ । ସୁସ୍ଥ କାର୍ଯ୍ୟ-ଜୀବନ ସନ୍ତୁଳତା ବଜାୟ ରଖିବା ପାଇଁ ସୁସ୍ଥ ହୃଦୟ, ସୁସ୍ଥ ମନ ଏବଂ ସୁସ୍ଥ ଶରୀର ଅପରିହାର୍ଯ୍ୟ ଅଟେ।" ଏକ ସଂସ୍ଥାରେ ସଫଳ ହେବା ପାଇଁ ଏକ ସୁସ୍ଥ କର୍ମଜୀବୀ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, କାରଖାନାରେ ସୁସ୍ଥ ଉପକରଣ ରହିବା ସହିତ ସୁସ୍ଥ କର୍ମଜୀବୀ ମଧ୍ୟ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆମେ ଲକ୍ଷ୍ୟ ରଖିଛୁ। ଶ୍ରୀ ମିଶ୍ର, କର୍ମଚାରୀମାନେ ସେମାନଙ୍କର କାର୍ଯ୍ୟରେ ସର୍ବୋତ୍ତମ ପ୍ରଦର୍ଶନ ଦେବାକୁ ହେଲେ, ସୁସ୍ଥ ମନ ଏବଂ ସୁସ୍ଥ ହୃଦୟ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାୟ ୩୫ କର୍ମଚାରୀ ବିଭିନ୍ନ ବୈଷୟିକ ଅଧିବେଶନର ପ୍ରସାରିତ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

ଏହି କର୍ମଶାଳାର ଉଦଘାଟନୀ ଅଧିବେଶନକୁ ମାନବ ସମ୍ବଳ ବିକାଶ କେନ୍ଦ୍ରର ଏଜିଏମ ଶ୍ରୀ କେ କେ ଜୟଶ୍ୱାଲ ସଂଯୋଜନା କରିଥିଲେ।

# ବନ୍ତ ବ୍ଲକ୍‌ରେ ମିଳିତ ଜନ ଶୁଣାଣି ଶିବିର



ଭଦ୍ରକ, ୯/୧ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି. ମିଳିତ ଜନଶୁଣାଣି ଶିବିର ଆୟୋଜନ ନେଇ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୮ ତାରିଖ ସୋମବାର ଦିନ ବନ୍ତବ୍ଲକ୍‌ରେ ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ.ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୪୨ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୩୪ଟି ଓ ସାମୂହିକ ସମସ୍ୟା ୮ଟି ଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ସମ୍ବନ୍ଧୀୟ ଆବେଦନକାରୀ ଟିଲୋର ଉପେନ୍ଦ୍ର ସାହୁଙ୍କୁ ମାନସିକ ରୋଗର ଚିକିତ୍ସାପାଇଁ ୬୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଲାଗି ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଭଦ୍ରକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବି.ଡ଼ି.ଓ ପ୍ରଦୀପ କୁମାର ସେଠୀ, ତହସିଲଦାର ଅଙ୍କିତା ବାରିକ୍, ବନ୍ତବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଶିବିରରେ ଆଗତ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଅଭିଯୋଗ ସବୁର ନିୟମାନୁଯାୟୀ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ନବକଳେବର ହେବ ପାରାଦ୍ୱୀପ ମାଛଧରା ବନ୍ଦର

## ପାରାଦୀପ ବନ୍ଦର ମାଛ ଧରା ବନ୍ଦରର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




ପାରାଦୀପ, ୯/୧ (ନି.ପ୍ର): ପାରାଦ୍ୱୀପ ମାଛଧରା ବନ୍ଦର ର ବଦଳିବ ରୂପରେଖ। ମାଛଧରା ବନ୍ଦର ର ଆଧୁନିକିକରଣ ପାଇଁ କେନ୍ଦ୍ରସରକାର ଙ୍କ ତରଫରୁ ଅର୍ଥ ମଞ୍ଜୁରୀ ହେବା ସହିତ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ କୃଷି ଓ ମତ୍ସ୍ୟସମ୍ପଦ ବିକାଶ ମନ୍ତ୍ରୀ । ଯାହା ପାରାଦ୍ୱୀପ ମାଛଧରା ବନ୍ଦର ର ବିକାଶ ହେବା ସହିତ ମତ୍ସ୍ୟଯିବି ମାନେ ଉପକୃତ ହେବନେଇ କହିଛନ୍ତି ଦୁଇ ମନ୍ତ୍ରୀ । କେନ୍ଦ୍ରସରକାର ଙ୍କ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ୧୦୮ କୋଟି ଟଙ୍କା ବିନିମୟରେ ମାଛଧରା ବନ୍ଦର ବିକାଶ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରେ କେନ୍ଦ୍ରମନ୍ତ୍ରୀ ଙ୍କ ଯୋଗଦାନ ପାରାଦ୍ୱୀପ ମାଛଧରା ବନ୍ଦର ପାଇଁ ଏକ ଗୌରବ ର ଦିନ ବୋଲି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ ତରଫରୁ ପ୍ରକାଶି କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ପଦକ୍ଷେପ କୁ ସ୍ୱାଗତ କରିଛନ୍ତି । ତେବେ ମାଛଧରା ବନ୍ଦର ର ଉନ୍ନତି ସହିତ ମତ୍ସ୍ୟଯିବି ମାନେ କିପରି ସୁରୁଖୁରୁରେ ମାଛ ଧରିପାରିବେ ଓ ବୁଡିବାକୁ ବସିଥିବା ପାରାଦ୍ୱୀପ ର ମତ୍ସ୍ୟଶିଳ୍ପ କିପରି ପୁନଃରୁଦ୍ଧାର ହେବ ଏବଂ ମତ୍ସ୍ୟଯିବି ମାନଙ୍କ ପ୍ରମୁଖ ସମସ୍ୟା ଗୁଡିକ ବିଷୟରେ କେନ୍ଦ୍ରମନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ । ମହାପ୍ରଭୁ ଜଗନ୍ନାଥ ଙ୍କ କୃପାରୁ ଓଡିଶା ରେ ମହାପ୍ରଭୁ ଙ୍କ ଦର୍ଶନ ସହିତ ପାରାଦ୍ୱୀପ ମାଛଧରା ବନ୍ଦର ଆଧୁନିକିକରଣ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିବା ରୁ ପ୍ରଧାନମନ୍ତ୍ରୀ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଓଡିଶା ସରକାର ଙ୍କ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ, ମତ୍ସ୍ୟଯିବି ମାନେ ଦେଇଥିବା ଦାବିପତ୍ର କୁ ଯଥାଶୀଘ୍ର ପୂରଣ କରାଯିବା ନେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୂପାଲା । କେନ୍ଦ୍ରସରକାର ଙ୍କ ତରଫରୁ ପାରାଦ୍ୱୀପ ମାଛଧରା ବନ୍ଦର ଆଧୁନିକିକରଣ ରେ ନିଲାମ ଗୃହ,ମାର୍କେଟ କମ୍ପ୍ଲେକ୍ସ ସହିତ ବିଭିନ୍ନ ଉନ୍ନତି କରଣ କାର୍ଯ୍ୟ ସରିଲା ପରେ ପାରାଦ୍ୱୀପ ର ମାଛଧରା ବନ୍ଦର ବିଶ୍ୱସ୍ତରୀୟ ମାଛଧରା ବନ୍ଦର ହେବ ବୋଲି କହିଛନ୍ତି ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପିଏଲ ହରାନାଦ । ତେବେ ଏହି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହିତ ମାଛଧରା ବନ୍ଦର ଆଧୁନିକିକରଣ କାର୍ଯ୍ୟ ସହିତ ମତ୍ସ୍ୟଯିବି ମାନେ କିପରି ସୁରକ୍ଷିତ ରହିବେ, ବୁଡିବାକୁ ବସିଥିବା ମତ୍ସ୍ୟଶିଳ୍ପ ର କିପରି ପୁନଃରୁଦ୍ଧାର ହେବ ଏଥିପ୍ରତି ସରକାର ଙ୍କ ତରଫରୁ ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ ର ସଭାପତି ଶ୍ରୀକାନ୍ତ ପରିଡା । ଡିଜେଲ ଦର ର ଅହେତୁକ ମୂଲ୍ୟବୃଦ୍ଧି କାରଣରୁ ମତ୍ସ୍ୟଶିଳ୍ପ ସଙ୍କଟ ର ଗତି କରୁଛି । ସରକାର ଙ୍କ ତରଫରୁ ଡିଜେଲ ଉପରେ ସବସିଡ଼ି ପ୍ରଦାନ କରିବା,ମାଛଧରା ବନ୍ଦର ମଧ୍ୟରେ ଏକ ବରଫକଳ ସ୍ଥାପନ କରିବା ସହିତ ରହିଥିବା ବିଭିନ୍ନ ସମସ୍ୟା ଉପରେ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଯାହା ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ତରଫରୁ ସମାଧାନ କରାଯିବା ନେଇ ଆଶା ରଖିଛନ୍ତି ଓମ୍ପା ର ସଭାପତି ଶ୍ରୀକାନ୍ତ ପରିଡା । ତେବେ ମତ୍ସ୍ୟଯିବି ଓ ମତ୍ସ୍ୟଶିଳ୍ପ କୁ ନେଇ ରହିଥିବା ସମସ୍ୟା ଯଥାଶୀଘ୍ର ସମାଧାନ କରାଯିବା ନେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ।

# ପ୍ରତିଶ୍ରୁତି ରଖିଲେ ସମାଜସେବୀ ବିକାଶ ଚନ୍ଦ୍ର ସେଠୀ ଓ ମିଲି ସେଠୀ: ବଡ଼ସାହି କଲେଜ ଛାତ୍ରଛାତ୍ରୀଙ୍କୁ ଦାନ କଲେ ଆକ୍ୱାଗାର୍ଡ




ବେତନଟୀ, ୯/୧ (ନି.ପ୍ର): ବଡ଼ସାହି ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୁରଣ କଲେ ବଡ଼ସାହି ବିଧାୟକ ଆଶାୟୀ ପ୍ରାର୍ଥୀ ବିକାଶ ଚନ୍ଦ୍ର ସେଠୀ ଓ ମିଲି ସେଠୀ। ସୂଚନାଯୋଗ୍ୟ ବିଗତ ସପ୍ତାହରେ ବଡ଼ସାହି ମହାବିଦ୍ୟାଳୟ ରେ ମେଧାବୀ ଛାତ୍ର ଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ଆଇଏଏସ, ଓଏଏସ, ଆଇପିଏସ, କନେଷ୍ଟବଳ, ବ୍ୟାଙ୍କିଙ୍ଗ ଭଳି ଅନେକ ପୁସ୍ତକ ବଣ୍ଟନ କରିଥିଲେ ସମାଜସେବୀ ବିକାଶ ଚନ୍ଦ୍ର ସେଠି ଓ ତାଙ୍କ ସହଧାର୍ମିଣୀ ମିଲି ସେଠୀ। ଛାତ୍ର ଛାତ୍ରୀଙ୍କ ମନବଳ ବଢାଇବ ପାଇଁ ୫୦୦ ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ପୁସ୍ତକ ବଣ୍ଟନ କରିଥିଲେ। ବଡ଼ସାହି ଠାରେ ଅନୁଷ୍ଠିତ ହୋଇଥିବା ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ଗଣ ଶ୍ରୀ ସେଠୀ ଙ୍କୁ ନିବେଦନ କରି କହିଥିଲେ ପାନୀୟ ଜଳ ମିଳୁଛି ହେଲେ ଦୂଷିତ ତେଣୁ ଯଦି ଆକ୍ୱାଗାର୍ଡ ପ୍ରଦାନ କରିବେ ତେବେ ସମସ୍ତେ ଉପକୃତ ହୋଇପାରିବେ। ସୋମବାର ଦିନ ଶ୍ରୀ ସେଠୀ ଓ ତାଙ୍କ ସହଧର୍ମିଣୀ ମିଲି ସେଠୀ ପ୍ରଧାନ ଶିକ୍ଷକଙ୍କ ଅନୁମତିରେ ଆକ୍ୱାଗାର୍ଡ ପ୍ରଦାନ କରିଥିଲେ। ପିଲାମନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ପିଲାଙ୍କ ଉଦ୍ଦେଶ୍ୟରେ ଏକ ସଙ୍ଗୀତ ଉପସ୍ଥାପନ କରିଥିଲେ। ଉପସ୍ଥିତି ଥିବା ସମସ୍ତ ଛାତ୍ର ଛାତ୍ରୀ ଶ୍ରୀ ସେଠୀ ଙ୍କୁ ଧନ୍ୟବାଦ ଜ୍ଞାପନ କରି ପ୍ରକାଶ କରିଥିଲେ। ବଡ଼ସାହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଥିବାରୁ ତାଙ୍କୁ ସମ୍ମାନ ଜଣାଇଥିଲେ । ଶ୍ରୀ ସେଠି ବଡ଼ସାହି କଲେଜ ପ୍ରିନ୍ସିପାଲଙ୍କା ସହ ଆଲୋଚନା କରି କହିଥିଲେ ଆଦିବାସୀ ହରିଜନ ପିଲାଙ୍କୁ ଷ୍ଟାଇପେନ ଅର୍ଥରେ ଫର୍ମାସି, ଆଲାଇ ମେଡିକାଲ ଓ ନର୍ସିଂ ପାଠକ୍ରମ ବିନମୂଲ୍ୟରେ ପଢ଼ାଇବେ। ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୫ ହଜାର ଟଙ୍କା ସହାୟତା ଦେବା ସହ ୨ ଲକ୍ଷ ଟଙ୍କାର ଜୀବନବୀମା ପ୍ରଦାନ କରିବେ। ଶ୍ରୀ ସେଠୀ ଜୀବନରେ ଅନେକ କଷ୍ଟ ସହି ଆଜି ସମାଜରେ ପ୍ରତିଷ୍ଠିତ ହୋଇଥିବା କଥା କହିଥିଲେ। ଶ୍ରୀ ସେଠୀ ଙ୍କ ଏପରି ମାନବିକତା ପାଇଁ ଶୁଭେଚ୍ଛା ର ସୁଅ ଛୁଟିଛି।

# ଚାଷୀ ସରକାର ଗଠନ ଓ ଚାଷୀ ସମସ୍ୟାକୁ ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇବ ନବ ନିର୍ମାଣ କୃଷକ ସଂଗଠନ

ଧର୍ମଶାଳା, ୯/୧ (ନି.ପ୍ର): ଚାଷୀ ସରକାର ଗଠନ ଓ ଚାଷୀଙ୍କ ସମସ୍ୟାକୁ ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇବ ନବ ନିର୍ମାଣ କୃଷକ ସଂଗଠନ । ରାଜ୍ୟରେ କୃଷକମାନଙ୍କ ସମସ୍ୟାକୁ ନେଇ ଆନ୍ଦୋଳନକୁ ଓହ୍ଲାଇ ଥିଲା ନବ ନିର୍ମାଣ କୃଷକ ସଂଗଠନ । ଏହି ଆନ୍ଦୋଳନକୁ ନେଇ ସଂଗଠନ ଚର୍ଚ୍ଚାରେ ରହିଥିଲା । କିଛି ଦିନ ବ୍ୟବଧାନ ପରେ ପୁଣି କୃଷକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବା ନେଇ ସଜବାଜ ହେଉଛି । ଏହି କ୍ରମରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ସାମନ୍ତରାପୁର କଚେରୀ ପଡିଆରେ ବରୀ ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ଓ ଅଗ୍ରଣୀ ଚାଷୀଭାଇମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀ ସରକାରର ପ୍ରାସଙ୍ଗିକତା ଉପରେ ସୂଚନା ଦେଇଥିଲେ । ତାଙ୍କ ବକ୍ତବ୍ୟ ମାଧ୍ୟମରେ ସମସ୍ତ ରାଜନୈତିକ ଦଳକୁ ସମାଲୋଚନା କରିଥିଲେ । ବିଶେଷ କରି ୧୩ ବର୍ଷ ଧରି କୃଷକମାନଙ୍କୁ ଏକତ୍ର କରି ସେମାନଙ୍କ ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନସନ ସମସ୍ୟାକୁ ସଂଗଠନ ସରକାରଙ୍କ ଦୃଷ୍ଟିକୋଣକୁ ଆଣିବାକୁ ଉଦ୍ୟମ କରୁଥିଲେ, ସେତେବେଳେ ସରକାର ବହୁ ବାଧା ଦେଇଥିଲେ । ଯାହାକୁ ନେଇ ଏବେ ପୁଣି ଚାଷୀଙ୍କୁ ଏକତ୍ର କରାଯାଇ ଆନ୍ଦୋଳନକୁ ଓହ୍ଲାଇବ । ଚାଷୀ ସରକାର ଗଠନ କରିବା ନେଇ ଚାଷୀଙ୍କ ଘରେ ଘରେ ପଂହଚି ଉଦ୍ୟମ ଜାରି ରଖିବ । ଚାଷୀ ସରକାର ଗଠନ ପ୍ରଥମ ଦିନରେ ଭତା ୫ ହଜାର, ସମସ୍ତ ଜମିକୁ ଜଳସେଚନ, ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ଓ ଧାନର ସର୍ବନିମ୍ନ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୫ ହଜାର ଟଙ୍କା ହେବ ବୋଲି ଘୋଷଣା କରିଥିଲେ । ଫେବୃଆରୀ ମାସରେ ୫ରୁ ୧୦ ହଜାର ଚାଷୀଙ୍କୁ ନେଇ ଏକ ସମାବେଶ ଯାଜପୁର ଜିଲାରେ ଅନୁଷ୍ଠିତ ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

# ଭକ୍ତିରେ ସମର୍ପିଲେ ଗୁଆ, ଅରୁଆ ଚାଉଳ

ଭୁବନ, ୯/୧ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ଆସନ୍ତା ୧୭ ତାରିଖରେ ହେବ । ଏହି ଐତିହାସିକ କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ସଂପୃକ୍ତି ଲାଗି ସମଗ୍ର ରାଜ୍ୟରେ ବୁଲୁଛି 'ଜୟ ଜଗନ୍ନାଥ ଅର୍ପଣ ରଥ ' । ଆଜି ଏହି ପବିତ୍ର ରଥ ଭୁବନରେ ପହଂଚିଲା ପରେ ଶ୍ରୀରାମ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ଓ ବନ୍ଦାପନା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ ପତକା ଦେଖାଇ ଅର୍ପଣ ରଥ ଉଦଘାଟନ କରିଥିଲେ। ଅର୍ପଣ ରଥ ୧ ନମ୍ବର ୱାର୍ଡରୁ ବାହାରି ୬ ନମ୍ବର ଓ ୭ ନମ୍ବର ୱାର୍ଡ ପରିକ୍ରମା କରି ଅକ୍ଷତ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା । ଅର୍ପଣ ରଥ ଯିବା ରାସ୍ତାରେ ମହିଳା ମାନେ ଝୋଟି ଚିତା ପକାଇ ପୂର୍ଣ୍ଣ କଳସୀ ବସାଇ ହୁଳହୁଳି ପକାଇ ରଥକୁ ସ୍ୱାଗତ କରି ଭକ୍ତି ର ସହ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଭୁବନ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ତୁଷାର କାନ୍ତି ମିଶ୍ର ଲୋକଙ୍କ ଠାରୁ ଅରୁଆ ଚାଉଳ,ଗୁଆ ସଂଗ୍ରହ କରି ଆଶୀର୍ବାଦ କରିଥିଲେ । ଜୟ ଜଗନ୍ନାଥ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉପ ନଗରପାଳ ମାନିନୀ ସାହୁ, ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ, ୭ ନମ୍ବର ୱାର୍ଡ କାଉନସିଲର ନରେନ୍ଦ୍ର ବେହେରାଙ୍କ ସମେତ ଅନ୍ୟ କାଉନସିଲର, ନୋଡାଲ ଅଫିସର ଗୁଣନିଧି ପାତ୍ର, ସଂକୀର୍ତ୍ତନ ମଣ୍ଡଳୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନଏସି କର୍ମଚାରୀ ମାନେ ସାମିଲ୍ ହୋଇଥିଲେ।

# ରାଇରଙ୍ଗପୁରଠାରେ ଉପଖଣ୍ଡସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ: ମୋଟ୍ ୪୯ଟି ଅଭିଯୋଗର ହେଲା ଶୁଣାଣି

ରାଇରଙ୍ଗପୁର, ୯/୧ (ନି.ପ୍ର): ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜ଼ିଲ୍ଲା ଆରକ୍ଷୀ ଅଧିକ୍ଷକ ମିସ ଏସ ସୁଶ୍ରୀ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ ଓ ଜାମଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଆଜିର ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ୍ ୪୯ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୪୧ଟି ବ୍ୟକ୍ତିଗତ ସମସ୍ୟା ଭିତିକ ଏବଂ ୮ ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାଭିତିକ ସାମୁହିକ ଅଭିଯୋଗ ଥିଲା । ଗ୍ରହଣ ହୋଇଥିବା ଆପତି ଅଭିଯୋଗର ଗୁରୁତ୍ୱକୁ ବିଚାର କରି ୬ ଜଣ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ମୋଟ ୩୩,୦୦୦ ହଜାର ଟଙ୍କା ଜିଲ୍ଲାପାଳ ମଂଜୁର କରିଛନ୍ତି । ଅନ୍ୟାନ୍ୟ ଆପତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ବୈଠକରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

## ଔଷଧୀୟ କଦମ୍ବ



କଦମ୍ବ ଏକ ବୃହତ୍ ବୃକ୍ଷ। ପତ୍ର ଉପରି ଓଳ ନିମ୍ନ ଭାଗ ଅଳ୍ପ ଲୋମଶ। ଏହାର ଫୁଲ ଗୋଲାକାର। ଏହାର ପତ୍ର ଓ ଛାଲି ପିତା, କଷା ଓ ଶୀତଳ। ବିଭିନ୍ନ ପ୍ରକାର ରୋଗ ଉପଶମ ପାଇଁ ଏହାକୁ ବ୍ୟବହାର କରାଯାଏ।

ବ୍ୟବହୃତ ପ୍ରଣାଳୀ:

କଫ, ପିତ୍ତ, ଶୋଥ, କାଶ, ଦାହ, ବ୍ରଣ ଉପଶମ ପାଇଁ ଏହାର ପତ୍ରର ରସ ୧ରୁ ୨ ଗ୍ରାମ ବା ଛାଲିର କ୍ୱାଥ ୨ ରୁ ୪ ଗ୍ରାମ ବା ଛାଲିର ଚୂର୍ଣ୍ଣ ୧୦୦ ରୁ ୨୦୦ ମିଲିଗ୍ରାମ୍ କରି ପ୍ରତ୍ୟେକ ଦିନ ଥରେ ଲେଖାଏଁ ସେବନ କଲେ ଅଳ୍ପଦିନ ମଧ୍ୟରେ ରୋଗ ପ୍ରଶମିତ ହୁଏ। କଦମ୍ବପତ୍ରର ଉପର ପଟ/ଚିକ୍କଣ ପାର୍ଶ୍ୱ ବ୍ରଣ ଉପରେ ପକାଇଲେ ଅଳ୍ପଦିନ ମଧ୍ୟରେ ବ୍ରଣ ବିଶୁଦ୍ଧ ଓ ନିର୍ଦ୍ଦୋଷ ହୁଏ।

ସ୍ତ୍ରୀଲୋକଙ୍କ ସ୍ତନ ବୃଦ୍ଧିପାଇଁ: ଉପରୋକ୍ତ ଚିକିତ୍ସା ନିୟମିତ ଭାବେ ପ୍ରୟୋଗ କଲେ ଅଳ୍ପଦିନ ମଧ୍ୟରେ ସ୍ତ୍ରୀ ଲୋକଙ୍କ ସ୍ତନ ବୃଦ୍ଧି ହୁଏ।

ବାନ୍ତି ପ୍ରତିକାର ପାଇଁ: କଦମ୍ବ ଗଛର ଛାଲିର କ୍ୱାଥ ୨ ରୁ ୪ ଗ୍ରାମରେ ଜୀରା ଚୂର୍ଣ୍ଣ ୧/ ୨ ଚାମଚ ଓ ଚିନି ୨ ରୁ ୩ ଚାମଚ ଏକାଠି କରି ସେବନ କଲେ ବାନ୍ତି ବନ୍ଦ ହୁଏ। ବିଶେଷତଃ ଏହି ଚିକିତ୍ସା ପିଲାମାନଙ୍କ ପାଇଁ ବହୁ ଉପଯୋଗୀ ଔଷଧ।

ମୂତ୍ରକୃଚ୍ଛ ରୋଗ: କଦମ୍ବ ଗଛର ଛାଲିର କ୍ୱାଥ ୨ ରୁ ୪ ଗ୍ରାମ, ଗାଈ କ୍ଷୀର ୧ ଲିଟର ଓ ଗୁଆ ଘିଅ ୧୦୦ ଗ୍ରାମ ଏକତ୍ରିତ କରି ଯଥାବିଧି ପାକ କରିବ। ଏହାକୁ ପ୍ରତିଦିନ ଥରେ ଲେଖାଏଁ ସେବନ କଲେ ଅଳ୍ପଦିନ ମଧ୍ୟରେ ମୂତ୍ରକୃଚ୍ଛ ଓ ମୂତ୍ରର ବିବର୍ଣ୍ଣତା ବିନଷ୍ଟ ହୁଏ।

## ଋତୁ ଅନୁସାରେ ଖାଦ୍ୟ ଗ୍ରହଣ



ବର୍ଷର କେଉଁ ଋତୁରେ କେଉଁ ଖାଦ୍ୟ ଗ୍ରହଣ କଲେ ସ୍ୱାସ୍ଥ୍ୟରେ ଉନ୍ନତି ହେବ ଏବଂ ଆପଣଙ୍କ ପାଇଁ ମଙ୍ଗଳମୟ ହେବ ତାହା ଧ୍ୟାନରେ ରଖିବା ନିହାତି ଆବଶ୍ୟକ।

ଜାନୁଆରୀରୁ ମାର୍ଚ୍ଚ: ପ୍ରଚୁର ପରିମାଣରେ ମିଳୁଥିବା ଋତୁ ଅନୁଯାୟୀ ଫଳ ଏବଂ ପନିପରିବା ଜୁସ୍ ନିୟମିତ ଖାଇବା ଉଚିତ୍। ମକର ସଂକ୍ରାନ୍ତି ସମୟରେ ମୁଗଡ଼ାଲି ଖେଚୁଡ଼ି ଖାଆନ୍ତୁ। ଘିଅ, ଅଦା ଏବଂ ରସୁଣକୁ ବଦା ଭୋଜନରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ।

ମାର୍ଚ୍ଚରୁ ମେ: ଯଅ, ବୁଟ, ଗହମ, ମୁଗ, ମସୁର, ବାଇଗଣ, ମୂଳା, ବଥୁଆ ଶାଗ, କଲରା, କଦଳୀ, କାକୁଡ଼ି, କମଳା ଖାଇବା ଉଚିତ୍। କାରଣ, ଏସବୁ କଫ ନାଶକ ଦ୍ରବ୍ୟ।

ଜୁନ୍‌ରୁ ଜୁଲାଇ: ପୁରୁଣା ଗହମ, ଯଅ, ସତ୍ତୁ, କାକୁଡ଼ି, ଭାତ, କ୍ଷୀର,ଥଣ୍ଡା ପଦାର୍ଥ ଏବଂ କଞ୍ଚା ଆମ୍ବ, ତରଭୁଜ ଖାଇବା ଦ୍ୱାରା ଅନେକ ଉପକାର ମିଳିଥାଏ। ଲୁଣି ପଦାର୍ଥ ଚଟ୍‌ପଟା, ଗରମ କିମ୍ବା ଶୁଖିଲା ଖାଦ୍ୟ ଖାଆନ୍ତୁ।

ଅଗଷ୍ଟ ସେପ୍ଟେମ୍ବର: ପୁରୁଣା ଚାଉଳ, ପୁରୁଣା ଗହମରେ ତିଆରି ଖାଦ୍ୟ, ଦହି, ଖେଚୁଡ଼ି ଇତ୍ୟାଦି ହାଲ୍‌କା ଏବଂ ପେଟ ପାଇଁ ଭଲ ଖାଦ୍ୟ ଖାଆନ୍ତୁ। ଏହି ସମୟରେ ପାଚନ ଶକ୍ତି ଦୁର୍ବଳ ହୋଇଯାଏ। ତେଣୁ ମସଲାଯୁକ୍ତ ଖାଦ୍ୟ ଏବଂ ବାହାର ଖାଦ୍ୟରୁ ଯେତେ ସମ୍ଭବ ଦୂରେଇ ରୁହନ୍ତୁ।

ଅକ୍ଟୋବରରୁ ନଭେମ୍ବର: ଏହି ସମୟରେ ଗରମ କ୍ଷୀର, ଘିଅ, ଗୁଡ଼, ମିଶ୍ରି, ଚିନି, ଅଁଳା, ଲେମ୍ବୁ, ପିଜୁଳି, ଡାଳିମ୍ବ, ନଡ଼ିଆ, କିସ୍‌ମିସ୍ ଇତ୍ୟାଦି ଖାଇବା ଅଧିକ ଲାଭଜନକ ହୋଇଥାଏ।

ଡିସେମ୍ବରରୁ ଜାନୁଆରୀ: ଏଇ ମାସ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ସର୍ବୋତ୍ତମ ବୋଲି ସମସ୍ତେ ମାନିଥାନ୍ତି। ଡାଳିମ୍ବ, ରାଶି, ବଥୁଆ ଶାଗ, ହଳଦୀ, କନ୍ଦମୂଳ, ଖୁଆ ପଦାର୍ଥ ଏବଂ ପନିର ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ଅଟେ।



## ଆବେ ଜଳପ୍ରପାତ

କର୍ଣ୍ଣାଟକର କୋଡଗୁରେ ରହିଛି ଆବେ ଜଳପ୍ରପାତ। ବେଙ୍ଗାଲୁରୁଠୁ ୨୬୮ ଓ ମଦିକେରୀଠୁ ୮ କି.ମି. ଦୂରରେ ଏହା ଅବସ୍ଥିତ। ସ୍ଥାନଟିର ପ୍ରାକୃତିକ ସୌନ୍ଦର୍ଯ୍ୟ ଖୁବ୍ ମନୋରମ। ଜଳପ୍ରପାତକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସୁଦୂରପ୍ରସାରୀ କଫି ଗଛ ସ୍ଥାନର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରେ। ଏହାର ଶାନ୍ତ, କାନ୍ତ ପରିବେଶ କ୍ଳାନ୍ତି ମେଣ୍ଟାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ସବୁଜବନାନୀରେ ପରିବେଷ୍ଟିତ ଏହି ଜଳପ୍ରପାତର ପ୍ରଖର ଜଳରାଶି ଖୁବ୍ ଆକର୍ଷଣୀୟ। ଜଳରାଶିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ କିଛି ଦୂରରେ ଏକ ଝୁଲାପୋଲ ନିର୍ମିତ ହୋଇଛି। ଏଠାରେ ଠିଆ ହୋଇ ପର୍ଯ୍ୟଟକ ମାନେ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାନ୍ତି। ପୋଲର ବିପରୀତ ଦିଗରେ ମା’ କାଳୀଙ୍କ ମନ୍ଦିର ରହିଛି। ଶୀତଦିନେ ଏଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ଡିସେମ୍ବରରୁ ଫେବ୍ରୁଆରୀ ଜଳପ୍ରପାତର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ପ୍ରକୃତ ସମୟ।

## କୋମଳ ପାପୁଲି



ସମସ୍ତଙ୍କୁ ଭଲ ଲାଗେ କୋମଳ ଓ ନରମ ପାପୁଲି। କିନ୍ତୁ ସମସ୍ତଙ୍କର କୋମଳ ପାପୁଲି ନଥାଏ। ଯଦି ଜଣେ ଅନେକ ଘର କାମ କରୁଥିବେ ତଥା ପରିବା କଟାଠାରୁ ଆରମ୍ଭ କରି ପୋଷାକ ସଫା ଏବଂ ବାସନ କୁସନ ମାଜୁଥିବେ ତେବେ ସେମାନଙ୍କ ହାତ ପାପୁଲି ଟାଣ ହେବା ସ୍ୱାଭାବିକ। ଡିଟର୍ଜେଣ୍ଟରେ ଥିବା କ୍ଷତିକାରକ କେମିକାଲ ପାପୁଲିକୁ ଶୁଷ୍କ କରିଦିଏ। ଯଦିଓ ଅନେକ ସାବୁନ ଏବଂ ସର୍ଫ ହାତ ପାଇଁ କ୍ଷତିକାରକ ହୋଇ ନଥିବାର ଆଡ୍‌ରେ ଦର୍ଶାଯାଉଥିଲେ ବି ସେଗୁଡ଼ିକ କେବଳ ଦେଖିବା ପାଇଁ ସୁନ୍ଦର ହୋଇଥାଏ। ଏହାବାଦ୍ ଅତ୍ୟଧିକ ସୂର୍ଯ୍ୟ କିରଣ, କ୍ରିମ ଏବଂ ମଏଶ୍ଚରାଇଜରରେ ଥିବା କେମିକାଲ ଏବଂ ସନ୍ତୁଳିତ ଖାଦ୍ୟର ଅଭାବ ମଧ୍ୟ ଶୁଷ୍କ ପାପୁଲିର କାରଣ ହୋଇଥାଏ। ଶରୀରର ଉଚିତ ଯତ୍ନ ନେବାକୁ ଯାଇ ଆପଣ ଅନେକ ସମୟରେ ଆପଣଙ୍କ ପାପୁଲି ଏବଂ ପାଦକୁ ଅଣଦେଖା କରିଥାନ୍ତି। କିନ୍ତୁ ସୁନ୍ଦର ହେବାର ଅର୍ଥ ହେଉଛି ସମୁଦାୟ ଶରୀରର ଯତ୍ନ ନେବା। ତେଣୁ ସୂକ୍ଷ୍ମ ଏବଂ କୋମଳ ପାପୁଲି ପାଇଁ ପ୍ରାକୃତିକ ଉପାୟ ଥିବାବେଳେ ଆପଣ ମାର୍କେଟରେ ଉପଲବ୍ଧ ହେଉଥିବା ପ୍ରଡ଼କ୍ଟ କାହିଁକି ବ୍ୟବହାର କରିବେ। ନିୟମିତ ଭାବେ ମାନିକିଓର ଏବଂ ପେଡ଼ିକିଓର କରିବାର କୌଣସି ଆବଶ୍ୟକତା ନାହିଁ। ଏଥିପାଇଁ ମଧ୍ୟ ଆପଣଙ୍କୁ ଅନେକ ଗୁଡ଼ିଏ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ, ତେଣୁ ଏତେଗୁଡ଼ିଏ ଅର୍ଥ ଖର୍ଚ୍ଚ କରିବା ଅପେକ୍ଷା ଘରେ କେମିତି ଆପଣଙ୍କ ପାପୁଲିକୁ କୋମଳ କରିବେ ସେ ବିଷୟରେ କିଛି ଟିପ୍ସ ଜାଣି ରଖନ୍ତୁ।

- ଚିନି ଏବଂ ଜଡ଼ାତେଲ ମିଶାଇ ଏକ ସଲ୍ୟୁସନ ପ୍ରସ୍ତୁତି କରନ୍ତୁ। ଏଥିରେ କେଇବୁନ୍ଦା ଲେମ୍ବୁ ରସ ମିଶାନ୍ତୁ। ଏବେ ଏହି ମିଶ୍ରଣରେ ହାତ ଘଷନ୍ତୁ। ଏହାଦ୍ୱାରା ପାପୁଲିରେ ଥିଲା ମୃତକୋଷ ଗୁଡ଼ିକ ହଟିଯିବ ଏବଂ ହାତ ବି ଖୁବ ସୁନ୍ଦର ଭାବେ ମଏଶ୍ଚରାଇଜ ହୋଇଯିବ।

- ହାତରେ ଗୋଟେ ଚାମଚ ଚିନି ନିଅନ୍ତୁ। ଏଥିରେ କେଇବୁନ୍ଦା ଅଲିଭ ଅଏଲ ମିଶାନ୍ତୁ। ଅଲିଭ ଅଏଲ ଏହାର ମଏଶ୍ଚରାଇଜିଙ୍ଗ କ୍ୱାଲିଟି ପାଇଁ ଖୁବ୍ ପ୍ରସିଦ୍ଧ। ଏହାବାଦ ଚିନି ଖୁବ୍ ଭଲ ସ୍କ୍ରବ୍ କରିପାରିବେ। ଚିନି ଏବଂ ଅଲିଭ ଅଏଲରେ ହାତ ଭଲଭାବେ ମସାଜ କରିବାପରେ ହାତକୁ ଧୀରେ ଧୀରେ ଧୋଇ ଦିଅନ୍ତୁ।

ହାତରେ ଅଳ୍ପ ସି ବଟର ନିଅନ୍ତୁ ଏବଂ ଏହାକୁ ଭଲଭାବେ ହାତରେ ଘଷିଦିଅନ୍ତୁ। ଦିନରେ ଦୁଇଥର ଏମିତି କରନ୍ତୁ ଏବଂ ମଏଶ୍ଚରାଇଜ ପାପୁଲି ପାଆନ୍ତୁ। ସି ବଟର ବ୍ୟବହାର କରିବାର ଅନ୍ୟ ଏକ ଉପକାରୀ ଗୁଣ ହେଉଛି ଏହା ଅଏଲିଂ ହଟାଇବ ଏବଂ ତ୍ୱଚାକୁ ସୁସ୍ଥପ୍ରଦ ରଖିବ।

- ଗ୍ଲିସେରିନ ସିଝା କ୍ଷୀର ଏବଂ କେଇବୁନ୍ଦା ଲେମ୍ବୁ ରସ ମିଶାଇ ଏକ ସଲ୍ୟୁସନ ପ୍ରସ୍ତୁତ କରନ୍ତୁ। ଏବେ ଏହି ମିଶ୍ରଣରେ ହାତକୁ ୩୦ ମିନିଟ ପର୍ଯ୍ୟନ୍ତ ଭଲଭାବେ ମସାଜ କରନ୍ତୁ। ଉତ୍ତମ ଫଳ ପାଇବା ପାଇଁ ପ୍ରତିଦିନ ଏମିତି କରନ୍ତୁ।

- ଅଣ୍ଡା, ଆଲମଣ୍ଡ ଗୁଣ୍ଡ ଏବଂ ମହୁ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ହାତରେ ଭଲଭାବେ ଆପ୍ଲାଏ କରି ୧୦ ମିନିଟ୍ ପର୍ଯ୍ୟନ୍ତ ଭଲଭାବେ ମସାଜ୍ କରନ୍ତୁ। ୧୦ ମିନିଟ ପରେ ହାତ ଭଲଭାବେ ଧୋଇ ଦିଅନ୍ତୁ।

- କର୍ନଷ୍ଟାର୍ଚ୍ଚକୁ ପାଣିରେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। କିଛି ସମୟ ପର୍ଯ୍ୟନ୍ତ ଏଥିରେ ହାତକୁ ଭଲଭାବେ ମସାଜ୍ କରି ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କୁ ଖୁବ ଶୀଘ୍ର ସୁଫଳ ମିଳିବ।

- କୋମଳ ପାପୁଲି ପାଇଁ ବିଲାତି ଖଣ୍ଡକୁ ହାତରେ ଘଷି ପାରିବେ କିମ୍ବା ଏହାର ରସକୁ ମଧ୍ୟ ଆପ୍ଲାଏ କରିପାରିବେ। ବିଲାତି ଜୁସରେ ଲେମ୍ବୁ ରସ ଏବଂ ଗ୍ଲିସେରିନ ମିଶାଇ ଏହାକୁ ପାପୁଲିରେ ଭଲଭାବେ ମସାଜ୍ କରନ୍ତୁ।

## ଉପକାରୀ ପାଳଙ୍ଗ

◀ପ୍ରତିଦିନ ପାଳଙ୍ଗ ଶାଗ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ। ଏହାଛଡ଼ା ଆଖିର ବିଭିନ୍ନ ସମସ୍ୟା ଯଥା, କୁଣ୍ଡାଇହେବା କିମ୍ବା ଆଖିରେ ଘା’ ହେବାଆଦି ମଧ୍ୟ କମିଥାଏ। ପାଳଙ୍ଗରେଥିବା ବିଟା କ୍ୟାରୋଟିନ୍, ଲ୍ୟୁଟେ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ଅତିବାଇଗଣୀ ରଶ୍ମିଠାରୁ ଆଖିକୁ ରକ୍ଷା କରିଥାଏ। ପାଳଙ୍ଗ ମୋତିଆବିନ୍ଦୁ ହେବାର ଆଶଙ୍କା ମଧ୍ୟ କମ୍ କରିଥାଏ।

◀ପାଳଙ୍ଗ ଶାଗରେ ପୋଟାସିୟମ୍ ପରିମାଣ ଅଧିକ ଓ ସୋଡ଼ିୟମ୍‌ର ମାତ୍ରା କମ୍ ଥାଏ। ଏହାକୁ ନିତିଦିନିଆ ଡାଏଟ୍‌ରେ ସାମିଲ କରିବା ଦ୍ୱାରା ନିମ୍ନ ରକ୍ତଚାପର ଆଶଙ୍କା ହ୍ରାସ ପାଏ। ଏହା ବ୍ୟତୀତ ଏଥିରେ ଥିବା ଫୋଲେଟ୍ ଉଚ୍ଚ ରକ୍ତଚାପ କମ୍ କରିବାରେ ସହାୟକ ହୋଇଥାଏ। ନିୟମିତ ପାଳଙ୍ଗ ଖାଇବା ଦ୍ୱାରା ଶରୀରର ରକ୍ତ ସଞ୍ଚାଳନ ସକ୍ରିୟ ହୋଇଥାଏ।

◀ପାଳଙ୍ଗରେ ଥିବା ଆଣ୍ଟିଅକ୍ସିଡାଣ୍ଟ ହୃଦ୍‌ରୋଗକୁ ପ୍ରତିରୋଧ କରିଥାଏ। ହୃଦ୍‌ଘାତ, ହୃଦ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ରୋଗଠାରୁ ମଧ୍ୟ ଦୂରେଇ ରଖିଥାଏ।

◀ପାଳଙ୍ଗରେ ଥିବା ପ୍ରୋଟିନ୍ କୋଲେଷ୍ଟେରୋଲ୍ ଏବଂ ଫ୍ୟାଟ୍ କମାଇଥାଏ। ତେଣୁ ହୃଦ୍‌ଘାତର ଆଶଙ୍କା ମଧ୍ୟ କମ୍ ହୋଇଥାଏ।

◀ମାଙ୍ଗାନିଜ୍, କପର୍, ମ୍ୟାଗ୍ନେସିୟମ୍, ଜିଙ୍କ୍ ଓ ଫସଫରସ୍ ଭଳି ମିନେରାଲ ଭରପୂର ଥିବାରୁ ଏହା ହାଡକୁ ମଜବୁତ କରେ ଓ ଅଷ୍ଟିଓପୋରୋସିସ୍‌ର ଆଶଙ୍କା କମାଇଥାଏ। ଏଥିରେ ଥିବା ଭିଟାମିନ୍ କେ ଶରୀରର ଅସ୍ଥିମଜ୍ଜାକୁ ମଜବୁତ କରେ।

ଞ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା କର୍କଟ ରୋଗର ଆଶଙ୍କା ପ୍ରାୟ ୩୪ ପ୍ରତିଶତ ହ୍ରାସ ପାଇଥାଏ। ସ୍ତନ, ପ୍ରୋଟେଷ୍ଟ, ଚର୍ମ ଓ ପାକସ୍ଥଳୀ ସମ୍ବନ୍ଧୀୟ କ୍ୟାନ୍ସରଠାରୁ ଦୂରେଇ ରହିବାକୁ ଚାହିଁଲେ



ପ୍ରତିଦିନ ଖାଦ୍ୟ ତାଲିକାରେ ପାଳଙ୍ଗକୁ ସାମିଲ କରନ୍ତୁ। ପାଳଙ୍ଗରେ ଥିବା ଭିଟାମିନ୍ ଏ, ସି, ଫୋଲେ୍, ଟୋକୋଫେରୋଲ, କ୍ଲୋରୋଫିଲିନ୍, ଫୋଲିକ୍ ଏସିଡ୍ ଓ ଫାଇବର୍ କ୍ୟାନ୍ସର ଜୀବାଣୁକୁ ପ୍ରତିରୋଧ କରିଥାଏ।

◀ଡାଇବେଟିସ ଭୋଗୁଥିବା ଲୋକଙ୍କ ପାଇଁ ପାଳଙ୍ଗ ଅତି ଉପଯୋଗୀ। ଏଥିରେ ମ୍ୟାଗ୍ନେସିୟମ୍‌ର ପରିମାଣ ଭରପୂର ଥିବାରୁ ଏହା ଡାଇବେଟସ୍ର ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ। ପ୍ରତିଦିନ ପାଳଙ୍ଗ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣରେ ରହେ।

ଞ ମିନେରାଲ, ଆଇରନ ର ମାତ୍ରା ପାଳଙ୍ଗରେ ଅଧିକ ରହିଛି, ଯାହାକି ଶରୀରରେ ନୂତନ ରକ୍ତକଣିକା ସୃଷ୍ଟି କରି ରକ୍ତହୀନତା ଦୂର କରିଥାଏ। ଏଥିରେ ଥିବା ଆଇରନ୍ ଶରୀରରୁ ମେଦ ହ୍ରାସ କରିବା ସହିତ ଓଜନ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ।

◀ଗର୍ଭବତୀ ମହିଳାଙ୍କୁ ପାଳଙ୍ଗ ଶାଗ ପ୍ରତିଦିନ ଖାଇବାକୁ ପରାମର୍ଶ ଦିଆଯାଏ। କାରଣ ପାଳଙ୍ଗ ଭ୍ରୁଣକୁ ଠିକ୍ ଭାବେ ବଢ଼ିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଭିଟାମି୍-ଏ ସ୍ତନ୍ୟପାନ ସମୟରେ ଶ୍ୱାସନଳୀକୁ ଠିକ୍ ରଖେ, ଯଦ୍ୱାରା ମା’ର କୌଣସି କ୍ଷତି ଘଟିନଥାଏ।

◀ପାଳଙ୍ଗରେ ଥିବା ଫୋଲେଟ୍ ମାନସିକ ରୋଗ କିମ୍ବା ଅବସାଦ ଦୂର କରିବାରେ ସହାୟକ ହୋଇଥାଏ।

## ସତେଜ ରହିବ ଗୋଲାପ

ବୈଜ୍ଞାନିକମାନେ ଏପରି ଏକ ଉତ୍ପାଦ ପ୍ରସ୍ତୁତ କରିଛନ୍ତି ଯାହା ବହୁଦିନ ପର୍ଯ୍ୟନ୍ତ ଫୁଲକୁ ସତେଜ ରଖିପାରିବ। ଆମେରିକୀୟ ବାୟୋଟେକ୍ କମ୍ପାନୀ ମନସାଣ୍ଟୋ ଏଥିପାଇଁ ନୂଆ ପ୍ରଡ଼କ୍ଟ ଚଳିତ ବର୍ଷ ପ୍ୟାଟେଣ୍ଟ କରାଇଛି। ଏହା ଫୁଲର ଡିଏନଏରେ ପରିବର୍ତ୍ତନ ଆଣି ଏହାକୁ ଝାଉଁଳିବାରୁ ସୁରକ୍ଷା ଦେବ। ଏଗ୍ରିକଲଚରାଲ ବାୟୋଟେକ୍ ଫାର୍ମ ମନସାଣ୍ଟୋ ଲାଗି ରିଭର୍ସ ଜେନେଟିକ ଇଞ୍ଜିନିୟରିଂ ବ୍ୟବହାର କରିଛି। ଏହି ପ୍ରଡ଼କ୍ଟ ପାଇଁ କମ୍ପାନୀ ପକ୍ଷରୁ ପ୍ୟାଟେଣ୍ଟ ଲାଗି ଆବେଦନ ବି କରାଯାଇଛି। ଏହା ଗଛର ଡିଏନଏରେ ପରିବର୍ତ୍ତନ ଆଣି ଫଳ ପାଚିବା ଏବଂ ପାଖୁଡ଼ା ଝଡ଼ିବାରେ ସହାୟକ ହେଉଥିବା ଏଥିଲିନ ଗ୍ୟାସ ସୃଷ୍ଟିକୁ ବନ୍ଦ କରିଥାଏ। ଏହା ବିଶେଷକରି ଗୋଲାପ ଏବଂ ସେବତୀ ଜାତୀୟ ପେଟୁନିଆ ଓ କାର୍ନେସନ ଫୁଲକୁ ସତେଜ ରଖିପାରିବ। ଫୁଲଚାଷୀ ଏବଂ ବ୍ୟବସାୟୀ ଏହାଦ୍ୱାରା ନିଶ୍ଚୟ ଲାଭବାନ ହେବେ। ଏହାର ପ୍ରକୃତର ନାମ ରଖାଯାଇଛି ଆର୍‌ଏନ୍ ଏଆଇ। ଫୁଲଦାନି ବା ପାତ୍ରରେ ରଖାଯାଉଥିବା ପାଣିରେ ଏହାକୁ ମିଶାଇ ସେଥିରେ ଫୁଲ ରଖିଲେ ବେଶ୍ କିଛିଦିନ ସତେଜ ରହିବ।

## ପ୍ରକୃତିର ଦାନ ପଇଡ଼

- ପଇଡ଼ ପାଣି ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଉନ୍ନତ କରି ବିଭିନ୍ନ ରୋଗସହ ଲଢ଼ିବାର କ୍ଷମତା ଦେଇଥାଏ। ଫଳରେ ଇନଫେକସନ, ଥଣ୍ଡା ସର୍ଦ୍ଦିପରି ରୋଗ ହୁଏନାହିଁ।

- ଏହା ଥାଇରଏଡ଼ ଗ୍ଲାଣ୍ଡର ହର୍ମୋନ ବଢ଼ାଇବାରୁ ଶରୀରର କୋଷାଗୁଡ଼ିକୁ ଅଧିକ ଶକ୍ତିମିଳେ। ଦୁଇ ସପ୍ତାହ ପିଇବାରେ ଶାରୀରିକ ଶକ୍ତି ବେଶ୍ ବଢ଼ିଯାଏ।

- ଶରୀରରୁ ବିଭିନ୍ନ ବିଷାକ୍ତ ତତ୍ତ୍ୱ ବା ଟକ୍ସିନଗୁଡ଼ିକ ବାହାର କରିଦିଏ ପଇଡ଼ ପାଣି। ଫଳରେ କିଡ଼ନୀ, ଯକୃତ କିମ୍ବା ମୂତ୍ରାଶୟ ସମ୍ବନ୍ଧୀୟ ରୋଗର ସୁରକ୍ଷା ମିଳେ।

- ଏଥିରୁ ଥିବା ଫାଇବର ହଜମପ୍ରକ୍ରିୟାରେ ସୁଧାର ଆଣେ। ତେଣୁ ଦୁଇ ସପ୍ତାହ ପିଇବା ମଧରେ କୋଷ୍ଠକାଠିନ୍ୟ, ଏସିଡିଟି ପରି ସମସ୍ୟାରେ ଆରାମ ମିଳିଥାଏ।

ଏହା ମୁଖ୍ୟତଃ ଶରୀରରେ ଜଳୀୟ ଅଂଶ ବୃଦ୍ଧି କରିବାକୁ ଡିହାଇଡ୍ରେସନରୁ ହେଉଥିବା ମୁଣ୍ଡବ୍ୟଥା ଦୂର ହୋଇ ସତେଜ ଲାଗେ। ଏହା ମଧ ତ୍ୱଚାର କୋଷଗୁଡ଼ିକୁ ହାଇଡ୍ରେଟ କରିବାରୁ ଦୁଇସପ୍ତାହ ମଧରେ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ।

- ପଇଡ଼ ପାଣିରେ ଥିବା ଇଲେକ୍ଟ୍ରୋଲାଇଟସ ଉଚ୍ଚରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ। ଦୁଇ ସପ୍ତାହ ମଧରେ ପ୍ରଭାବ ଜାଣିପାରିବେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଖରା, ପ୍ରଦୂଷଣ ଆଦିର କୁପ୍ରଭାବ କମ କରେ। କ୍ୟାଲସିୟମ, ମାଗ୍ନେସିୟମ, ଫସଫରସ, ପଟାସିୟମ, ସୋଡ଼ିୟମ ଆଦି ମିନେରାଲ ଏଥିରେ ରହି ଶରୀରକୁ ପ୍ରଚୁର ପୋଷକତତ୍ତ୍ୱ ଯୋଗାଇଥାଏ।

- କମ୍ ଫ୍ୟାଟ ଏବଂ କମ କ୍ୟାଲୋରୀଯୁକ୍ତ ହୋଇଥିବାରୁ ପଇଡ଼ପାଣି ଭୋକ ଏବଂ ଶୋଷ ମେଣ୍ଟାଇବା ସହ ଓଜନ ବଢ଼ିବାକୁ ଦେଇନଥାଏ।

ପ୍ରତ୍ୟେକ ଋତୁରେ ଶରୀର ପାଇଁ ଉପକାରୀ ପଇଡ଼ ପାଣି। ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ସହିତ ଆଣ୍ଟି ଅକ୍ସିଡାଣ୍ଟ, ଆମିନୋ ଏସିଡ଼, ଏନଜାଇମ, ଭିଟାମିନ ଏବଂ ମିନେରାଲ ଭରି ରହିଛି। ଏହା ରୋଗରୁ ରକ୍ଷା କରିବା ସହିତ ବିଭିନ୍ନ ରୋଗର ଚିକିତ୍ସାରେ ମଧ ଲାଗିଥାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅବିସ୍ମରଣୀୟ ଘଟଣା...

ଜାନୁଆରୀ ୬ ତାରିଖ, ୨୦୨୪ର ସନ୍ଧ୍ୟା- ଭାରତର ମହାକାଶ ଇତିହାସରେ ଏକ ଅବିସ୍ମରଣୀୟ ଘଟଣା ଭାବରେ ସ୍ଥାନିତ ହେବ, କାରଣ ଏହି ସମୟରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଦ୍ୱାରା ଆଦିତ୍ୟ ବା ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ କରିବା ନିମନ୍ତେ ପ୍ରେରିତ ଆଦିତ୍ୟ-ଏଲ୍୧ ତା'ର ଲକ୍ଷ୍ୟସ୍ଥଳ ହାଲୋ ଅର୍ବିଟ୍‌ରେ ସଫଳତାର ସହିତ ପହଞ୍ଚି ପାରିଛି । ଏହାଦ୍ୱାରା ଭାରତର କରୋନାଗ୍ରାଫି ମହାକାଶ ଯାନ ଅତ୍ୟାଧୁନିକ ଯୁଗରେ ମାନବୀୟ ଜ୍ଞାନର ଅଗ୍ରଗତି ନିମନ୍ତେ ଅବଶ୍ୟ ଅବଦାନ ରଖି ପାରିବ। ସୂର୍ଯ୍ୟଙ୍କଠାରୁ ୧.୫ ମିଲିଅନ୍ ମାଇଲ ଦୂରରେ ଆଦିତ୍ୟ-ଏଲ୍୧କୁ ଏକ ସ୍ଥିର ସ୍ଥାନରେ ରଖିବା, ଯେଉଁଠୁ ଏହା ଏକ ନିର୍ବିଘ୍ନ ଦୃଷ୍ଟିରେ ଆମର ସୌର ବ୍ୟବସ୍ଥାର କେନ୍ଦ୍ରକୁ ଅଧ୍ୟୟନ କରି ପାରିବ, ସେଠାରେ ପହଞ୍ଚିବା ନିମନ୍ତେ ଇସ୍ରୋର ବୈଜ୍ଞାନିକମାନେ ୧୧୦ ଦିନ ପର୍ଯ୍ୟନ୍ତ ଦକ୍ଷତାର ସହିତ ଏହି ଯାନକୁ ସୂକ୍ଷ୍ମ ଭାବରେ ପରିଚାଳନା କରି ପାରିବାରେ ହିଁ ରହିଛି ଏହାର ସଫଳତା। ସୂର୍ଯ୍ୟ, ଯାହା ପୃଥିବୀ ପୃଷ୍ଠରେ ଏବଂ ସମ୍ଭବତଃ ଏହି ତାରକା ମଣ୍ଡଳର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଜୀବନ ସୃଷ୍ଟିର ଉତ୍ସ, ତାଙ୍କ ଉପରେ ଅଧ୍ୟୟନ କରିବାର ଲକ୍ଷ୍ୟର ବିଶାଳତାକୁ ଏହି ତଥ୍ୟରୁ ପୁଷ୍ଟ କରିହୁଏ ଯେ ଇସ୍ରୋର ମିଶନ୍ ଏହାର ଆଦିତ୍ୟ-ଏଲ୍୧ ସୂର୍ଯ୍ୟଙ୍କ ନିକଟକୁ ଯିବାର ଦୂରତାରୁ ମାତ୍ର ହାରାହାରି ଏକ ପ୍ରତିଶତକୁ ପରିଲକ୍ଷିତ କରିଛି । ସୂର୍ଯ୍ୟ- ଏହି ଖଗୋଳୀୟ ବସ୍ତୁଟି ପ୍ରଭୃତ ସାମର୍ଥ୍ୟ ଏବଂ ଶକ୍ତି ଦୃଷ୍ଟିରୁ ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବାରୁ ମାଧ୍ୟାକର୍ଷଣ ପାଇଁ ଲାଗରେଞ୍ଜ୍ ପଏଣ୍ଟ ଅବସ୍ଥାନ କରିବା ପାଇଁ ଏକ ଉତ୍ତମ ସ୍ଥାନ, ଯେଉଁଠୁ ସାତଗୋଟି ଆଧୁନିକ ଏଲ୍-୧ ପେଲୋଡ୍ ସହିତ ଏହା ସୂର୍ଯ୍ୟଙ୍କର କେବଳ ଅଧ୍ୟୟନ କରିବ ନାହିଁ, ବରଂ ମାନବୀୟ ଜ୍ଞାନରେ ଅନେକ ନୂତନ ତଥ୍ୟ ଯୋଗ କରିବ, ଯେଉଁଗୁଡ଼ିକ କମ୍ପ୍ୟୁଟରମାନଙ୍କରେ ଭବିଷ୍ୟତ ପିଢ଼ିଙ୍କ ପାଇଁ, ଏବଂ ବସ୍ତୁତଃ ଚିରକାଳ ପାଇଁ ଗଚ୍ଛିତ ହୋଇ ରହିବ। ସୂଚାଇ ଦିଆଯାଇପାରେ କି, ଆଦିତ୍ୟ-ଏଲ୍୧ ହେଉଛି ଏକ ପର୍ଯ୍ୟବେକ୍ଷଣକାରୀ-ଶ୍ରେଣୀର ସୌର ମିଶନ୍ ଯାହା ସାତଗୋଟି ଉପକରଣ : ଭିଇଏମ୍‌ସି, ଏସ୍‌ଆଇଟି, ଏସ୍ ଏଲଇଏକ୍ସଏସ୍, ହେଲିଓ ସ୍, ଆସ୍‌ଫ୍ସ ଏବଂ ପାପା ଭଳି ଉପକରଣମାନଙ୍କ ସାହାଯ୍ୟରେ ସୂର୍ଯ୍ୟଙ୍କ ଅଧ୍ୟୟନ କରିବ । ଭାରତରେ ବୈଜ୍ଞାନିକ ସମୁଦାୟମାନଙ୍କର ଚମତ୍କାରିତା ଏଇଥରେ ନିହିତ ଯେ ସେମାନେ ରାଜନୀତିକ ବିଚାରବୋଧରୁ ଊର୍ଦ୍ଧ୍ୱକୁ ଉଠି ବିଜ୍ଞାନ ସମ୍ବନ୍ଧିତ ଜ୍ଞାନକୁ ମୁକ୍ତ ଭାବରେ ବଣ୍ଟନ କରି ପାରିବେ, ଯାହା ଭାରତ ୨୦୨୩ରେ ଏହାର ଚନ୍ଦ୍ରଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନ ପାଇଁ ପ୍ରେରିତ ଚନ୍ଦ୍ରଯାନ-୩ ସଫଳତାର ସହିତ ଚନ୍ଦ୍ର ପୃଷ୍ଠର ଲକ୍ଷ୍ୟଭୁକ୍ତ ସ୍ଥାନରେ ଅବତରଣ କରିବା ପରଠୁ କରି ଆସୁଛି । ପୁନଶ୍ଚ, ଭାରତର ମହାନତା ରହିଛି ଏହାର ବିଭିନ୍ନ ମହାକାଶ ପ୍ରକଳ୍ପଗୁଡ଼ିକ ତଥା ସେଗୁଡ଼ିକର ରକ୍ଷଣାବେକ୍ଷଣ ବାବଦରେ ଅବିଶ୍ୱସନୀୟ ଭାବରେ ସ୍ୱଳ୍ପ ବ୍ୟୟ କରିବା ଯାହାକି ଏହାକୁ ହଲିଉଡ୍‌ର ମହାକାଶ ଅଭିଯାନ ତୁଳନାରେ ହେଉଥିବା ବ୍ୟୟଠାରୁ ଯଥେଷ୍ଟ ଦୂରରେ ରଖି ଆସିଛି । ସଙ୍ଗେ ସଙ୍ଗେ ମହାକାଶ ଅଭିଯାନରେ ଇସ୍ରୋର ଅନେକ ସଂଖ୍ୟକ ମହିଳା ବୈଜ୍ଞାନିକଙ୍କର ଅଂଶଗ୍ରହଣର ରହିଛି ମହତ୍ତ୍ୱପୂର୍ଣ୍ଣ ଅବଦାନ, ଯେଉଁମାନେ ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ସହିତ କର୍ମ କରିବାର ପରିବେଶ ପାଇଁ ବହନ କରି ଆଣିଛନ୍ତି ଶୃଙ୍ଖଳା ଓ ସଫଳତା। ଆଦିତ୍ୟ-ଏଲ୍୧ ମିଶନର ନେତୃତ୍ୱ ନେଇଥିବା ମହିଳା ଦୀର୍ଘ ଆଠ ବର୍ଷ ଧରି ତାଙ୍କର ଦଳଙ୍କ ସହିତ ମିଶି କଠିନ ଅଧ୍ୟବସାୟ କରି ସେମାନଙ୍କ କାର୍ଯ୍ୟର ପରାକାଷ୍ଠା ପ୍ରତିପାଦିତ କରି ପାରିଛନ୍ତି । ଭାରତ ଏଇ ମାତ୍ର ଅଳ୍ପ କିଛି ବର୍ଷ ପୂର୍ବେ ମହାକାଶ ଆବିଷ୍କାରରେ ସମ୍ପୃକ୍ତ ଦେଶମାନଙ୍କ କ୍ଲବ୍‌ରେ ଯୋଗ ଦେଇଛି ଏବଂ ସୌର ମିଶନ ପରେ ଏହାର ସ୍ଥିତି ବର୍ତ୍ତମାନ ଏହାଠାରୁ ବଳି ଅନ୍ୟ ଏକ ସ୍ୱତନ୍ତ୍ର କ୍ଲବ୍‌ରେ ପ୍ରବେଶକୁ ସୁନିଶ୍ଚିତ କରିଛି। ଗତ ବର୍ଷ ଚନ୍ଦ୍ର ମିଶନରେ ଏହାର ସଫଳତା ପରେ ଭାରତ ମଧ୍ୟ ଅନ୍ୟାନ୍ୟ ମିଶନଗୁଡ଼ିକୁ ହାତକୁ ନେଇଛି ଏବଂ ଇସ୍ରୋର ନେତୃତ୍ୱରେ କେତେକ ଘରୋଇ ଉଦ୍ୟୋଗ କାମ କରିବାକୁ ହାତ ବଢ଼ାଇଲେଣି। ମହାକାଶରେ ଅଧିକ ସହଯୋଗ ରକ୍ଷା କରିବାର ଏକ ସମୟରେ, ତଥା ଅନ୍ୟାନ୍ୟ ଦେଶମାନେ ସେମାନଙ୍କର ଚନ୍ଦ୍ର ଅଭିଯାନର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବାକୁ ଉଦ୍ୟମ କରୁଥିଲା ବେଳେ ଭାରତ ଆମେରିକା ନେତୃତ୍ୱାଧୀନ ଆର୍ଟେମିସ୍ ଆକର୍ଡର ଅଂଶୀଦାର ହେବାକୁ ଇଚ୍ଛା କରିବା ଅତ୍ୟନ୍ତ ଆନନ୍ଦର କଥା, କାରଣ ଏହା ୨୦୨୫ ସୁଦ୍ଧା ଚନ୍ଦ୍ରରେ ମହାକାଶଚାରୀମାନଙ୍କୁ ଅବସ୍ଥାପିତ କରିବାରେ ସହାୟତା କରିବ । ଆଦିତ୍ୟ-ଏଲ୍୧ ମିଶନ ସହିତ ଭାରତ ଏହାର ମହାକାଶ କାର୍ଯ୍ୟକ୍ରମର ପ୍ରସାରଣ ଏବଂ ବହୁମୁଖୀତାକୁ ପ୍ରମାଣିତ କରିଥାଇ ପାରେ ଯାହା ଇସ୍ରୋକୁ ଯଥେଷ୍ଟ ଅଧିକ ବଜେଟ୍‌ରେ ଗବେଷଣା କରୁଥିବା ନାସା ଏବଂ ଅନ୍ୟାନ୍ୟ ମହାକାଶ ଗବେଷଣାକାରୀ ସଂସ୍ଥାମାନଙ୍କ ସହିତ ସହଭାଗୀ ହେବାର ପଥରେ ପଥ୍ୟକ କରାଇଛି । କୁହାଯାଏ- ଆକାଶ ହିଁ ସୀମା । କିନ୍ତୁ ତାହା ବର୍ତ୍ତମାନ ହୁଏତ ଅତୀତର କଥା, ଯେହେତୁ ସାମ୍ପ୍ରତିକ ମାନବୀୟ ଆବିଷ୍କାରୀ ମହାକାଶ କାର୍ଯ୍ୟକ୍ରମଗୁଡ଼ିକ ଚନ୍ଦ୍ରରେ ଖଣି ଖୋଳିବା କାମଠାରୁ ଆରମ୍ଭ କରି ନୂଆ ମହାକାଶ କେନ୍ଦ୍ରମାନ ସ୍ଥାପନ କରିବା ଏବଂ ଅନ୍ୟାନ୍ୟ ଦୂର ଦୂରାନ୍ତ ଗ୍ରହ ଉପଗ୍ରହମାନଙ୍କୁ ଆବିଷ୍କାର କରିବା ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବାକୁ ଆରମ୍ଭ କଲାଣି । ଭାରତୀୟ ମହାକାଶ ଗବେଷଣା ଏହାର ଦୃଷ୍ଟିର ଦିଗ୍‌ବଳୟକୁ ବିସ୍ତାରିତ କରିବାକୁ ଆରମ୍ଭ କରିଥିବା ପରିପ୍ରେକ୍ଷୀରେ ଆଦିତ୍ୟ-ଏଲ୍୧କୁ କେବଳ ଏକ ଐତିହାସିକ ସଫଳତା କହିବା ଅପେକ୍ଷା ବରଂ ଏକ ମାଇଲ ଖୁଣ୍ଟ ବୋଲି କହିବା ଅତ୍ୟୁକ୍ତି ହେବନାହିଁ ।



# ଧାରା ୫୧-କ(ଏଚ)

**ଅଧ୍ୟାପକ ଗୋପବନ୍ଧୁ**

ବିଜ୍ଞାନ ଓ ପ୍ରଗତି ପରସ୍ପରର ପରିପୂରକ। ଯେଉଁଠାରେ ବିଜ୍ଞାନ ଅଛି ସେଠାରେ ପ୍ରଗତି ଅଛି ଓ ଯେଉଁଠାରେ ପ୍ରଗତି ଅଛି ସେଠାରେ ବିଜ୍ଞାନ ଅଛି। ବିଜ୍ଞାନ କେବଳ ଆର୍ଥିକ ପ୍ରଗତି ଆଣିଛି ତାହା ନୁହେଁ ଏହା ସହିତ ସାମାଜିକ ବିକାଶ କ୍ଷେତ୍ରରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଯେଉଁ ରାଷ୍ଟ୍ରମାନେ ଆଜି ବିକଶିତ, ସେମାନଙ୍କ ବିକାଶ ପଛରେ ରହିଛି ବିଜ୍ଞାନ। ଯେଉଁ ସମାଜ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଡେଇଁ ଏକ ନୈତିକତାପୂର୍ଣ୍ଣ ବୌଦ୍ଧିକ ସମାଜ ଆଡକୁ ଅଗ୍ରସର ହୋଇଛି ତାପଛରେ ବୈଜ୍ଞାନିକ ବିଚାରଧାରାର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଧରିନେବାକୁ ହେବ। ଅନେକେ ବିଜ୍ଞାନ କହିଲେ କୌଣସି ନୂତନ ଉଦ୍ଭାବନକୁ ବୁଝନ୍ତି। ଏହା କୌଣସି ନୂତନ ଉପାଦେୟ ବସ୍ତୁର ଉଦ୍ଭାବନ ଅଥବା କୌଣସି ବସ୍ତୁ ପ୍ରତିକ୍ରିୟା ସୂତ୍ରର ଆବିଷ୍କାରକୁ ବୁଝିଥାନ୍ତି। ପ୍ରକୃତରେ ଏହା ବିଜ୍ଞାନର ଏକ ଆଂଶିକ ପ୍ରତିଫଳନ। ପ୍ରକୃତ ବିଜ୍ଞାନ ହେଉଛି ସେହି ମାନସିକତା ଯାହା ମାଧ୍ୟମରେ ଜଣେ ନୂତନ ଉଦ୍ଭାବନ ବା ସୂତ୍ରଗତ ଆବିଷ୍କାର ପାଇଁ ପ୍ରେରୀତ ହୁଏ। ସମାଜ ବ୍ୟବସ୍ଥା କ୍ଷେତ୍ରରେ ଯାହା ଉତ୍କୃଷ୍ଟତାର ଭାବନାକୁ ଅଙ୍କୁରୀତ କରେ।

ଆମ ସମ୍ବିଧାନର ପ୍ରଣେତାମାନେ ଏକ ବିକଶିତ ଓ ସମୃଦ୍ଧ ଭାରତବର୍ଷର ପରିକଳ୍ପନା କରିଥିଲେ। ସେମାନେ ଜାଣିଥିଲେ ଏଦିଗରେ ବିଜ୍ଞାନର ଅବଦାନକୁ ଅଣଦେଖା କରିହେବ ନାହିଁ। ତେଣୁ ସେମାନେ ସମସ୍ତ କ୍ଷେତ୍ରରେ ପ୍ରଗତିଶୀଳ ଭାବନାକୁ ପ୍ରତିଫଳିତ କାରିବାକୁ ଚାହିଁଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କ ସହିତ ତାଳଦେଇ ଭାରତ ମଧ୍ୟ କିପରି କ୍ଷୀପ୍ରଭାବେ ଆଗକୁ ବଢ଼ିପାରିବ ସେ ବିଷୟରେ ସମ୍ବିଧାନର ପ୍ରଣେତାମାନେ ଚିନ୍ତା କରିଥିଲେ। ସେମାନେ ସମ୍ବିଧାନର ପ୍ରସ୍ତାବନାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ରଖିଛନ୍ତି ତାହା ବୈଜ୍ଞାନିକ ବିଚାରରେ ଆସ୍ଥା ସ୍ଥାପନ ବିନା ପ୍ରାପ୍ତ ହେବା ସମ୍ଭବପର ନୁହେଁ। ପ୍ରସ୍ତାବନା ଅନୁଯାୟୀ ଭାରତୀୟ ଗଣରାଜ୍ୟରେ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭାତୃତ୍ୱଭାବ ସ୍ଥାପନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପ୍ରଗତିଶୀଳ ଭାବନା ବିନା ସମ୍ଭବ ନୁହେଁ ଓ ପ୍ରଗତିଶୀଳ ଭାବନା ବିଜ୍ଞାନ ବିନା ସମ୍ଭବପର ନୁହେଁ। ଯେଉଁମାନେ ସମ୍ବିଧାନ ରଚନା ଦାୟିତ୍ୱରେ ଥିଲେ ସେମାନଙ୍କ ମଧ୍ୟରୁ ଅନେକେ ବୈଜ୍ଞାନିକ ବିଚାରର ଅନୁଗାମୀ ଥିଲେ। ସେମାନଙ୍କ ଉଚ୍ଚଶିକ୍ଷା ବିଦେଶରେ ହୋଇଥିଲା। ବିଶ୍ୱ ଜନସମୁଦାୟ ଓ ବିଶ୍ୱ ରାଜନୈତିକ ପରିସ୍ଥିତି ସମ୍ବନ୍ଧରେ ତାଙ୍କ ନିକଟରେ ଯଥେଷ୍ଟ ଜ୍ଞାନ ଥିଲା।

ସମ୍ବିଧାନର ପଶ୍ଚାତରେ ଲୁକ୍କାୟିତ ଥିବା ବିଜ୍ଞାନ ପ୍ରତି ଆଗ୍ରହ ବିଧିବଦ୍ଧଭାବେ ୧୯୭୬ ମସିହାରେ ୪୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନରେ ସ୍ଥାନିତ ହେଲା ଆର୍ଟିକିଲ ୫୧-କ(ଏଚ) ରୂପରେ। ଏହା ସମ୍ବିଧାନର ନିର୍ଦ୍ଦେଶିତ ନିୟମରେ ମୌଳିକ କର୍ତ୍ତବ୍ୟ ରୂପେ ସୂଚୀତ ହୋଇଛି। ଯେଉଁଥିରେ କୁହାଯାଇଛି ଯେ ପ୍ରତ୍ୟେକ ନାଗରୀକର ମୌଳିକ କର୍ତ୍ତବ୍ୟ ହେଉଛି ବୈଜ୍ଞାନିକ ଆଭିମୁଖ୍ୟର ବିକାଶ ଘଟାଇବା। ଏହା ସହିତ ଆନୁସାଙ୍ଗୀକ ଭାବେ ମାନବିକତାର ବିକାଶ, ଅନୁସନ୍ଧାନ ପ୍ରତି ଆଗ୍ରହର ବିକାଶ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଏହାର ଅନ୍ତର୍ଗତ କରାଯାଇଛି। ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ଭାରତବର୍ଷକୁ ଆଧୁନିକତାର ମାର୍ଗରେ ପରିଚାଳିତ କରିବା ପାଇଁ। ସମସ୍ତ ନାଗରିକ ବିଜ୍ଞାନର ଅନୁଗାମୀ ହେବା ଓ ଜୀବନର ପ୍ରତ୍ୟେକ ସୋପାନରେ ବିଜ୍ଞାନକୁ ପ୍ରତିଫଳିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଅନ୍ୟ ଯେଉଁ ଆନୁସାଙ୍ଗୀକ ବିଷୟଗୁଡିକ ଜଡିତ ହୋଇ ରହିଛି। ସେଗୁଡିକ ବିଜ୍ଞାନ ପ୍ରତି ଅଙ୍ଗୀକାରବଦ୍ଧତାରୁ ନିସୃତ। ବିଜ୍ଞାନ ବିଜ୍ଞାନସମ୍ମତ ସାମାଜିକ ବ୍ୟବସ୍ଥାକୁ ସଂସ୍ଥାପନ କରେ। ଏପରି ସମାଜର ମୂଳ ଆଧାର ହେଉଛି ମାନବିକତା। ମନୁଷ୍ୟ କୌଣସି ବିଷୟକୁ ଅନ୍ଧଭାବେ ଅନୁସରଣ ନକରି ତା ଭିତରର ଗୂଢ ରହସ୍ୟକୁ ଭେଦ କରିବା ଉଚିତ୍। ଏଥିପାଇଁ ତା ଭିତରେ ଥିବା ଜାଣିବାର ଆଗ୍ରହ ଜାତ ହେବା ଉଚିତ୍। ଏହାହିଁ ବୈଜ୍ଞାନିକ ଅନୁସନ୍ଧାନ। ଏହା ମଧ୍ୟ ତାକୁ ସଂସ୍କାରବାଦୀ କରାଏ। ପୁରାତନ ନିକୃଷ୍ଟତାରୁ ନୂତନ ଉତ୍କୃଷ୍ଟତାକୁ ବାଟ କଢ଼ାଏ। ଏହାହିଁ ସାମାଜିକ ପରିବର୍ତ୍ତନର ମୂଳ ଆଧାର।

ଭାରତୀୟ ସମାଜ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ଏବେବି ଗାଁ ଗୁହଳିରେ ଗୁଣି-ଗାରେଡ଼ି, ଡାହାଣୀ-ଚିରଗୁଣୀ, ତୁଟକା-ଛଡାଣ ପରି ଅନେକ ପ୍ରକାରର ଅନ୍ଧବିଶ୍ୱାସ ପରିବ୍ୟାପ୍ତ। ଦୈନନ୍ଦିନ ଖବର କାଗଜରେ ଡାହାଣୀ ସନ୍ଦେହରେ ହତ୍ୟା, ଗୁଣିଆ ସନ୍ଦେହରେ ହତ୍ୟା, ଝଡାଫୁଙ୍କା ଉପରେ ବିଶ୍ୱାସ କରି ମୃତ୍ୟୁବରଣ କରିବା ପରି ବିଷୟ ପ୍ରସାରିତ ହେଉଛି। ସେହିପରି ଅନେକ ପ୍ରକାର କୁସଂସ୍କାର ସମାଜରେ ରହିଛି। ବାଲ୍ୟବିବାହ, ଅନର କିଲିଙ୍ଗ, ପଶୁବଳି ଏପରିକି ନରବଳି ପରି ଅନେକ କୁସଂସ୍କାର ସମାଜରେ ରହିଛି। ଅନେକ ଉଚ୍ଚଶିକ୍ଷିତ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ନୁହଁନ୍ତି। ପରିତାପର ବିଷୟ ଯେ ଏମାନଙ୍କ ଭିତରୁ କିଛି ଏଗୁଡିକର ଯଥାର୍ଥତା ସପକ୍ଷରେ ଯୁକ୍ତି ବାଢନ୍ତି। ଭାରତୀୟ ସମାଜରେ ଥିବା ଜାତିବ୍ୟବସ୍ଥା ଉଭୟ ଅନ୍ଧବିଶ୍ୱାସ ଓ କୁସଂସ୍କାରର ମିଳିତ ପରିପ୍ରକାଶ। ବୈଜ୍ଞାନିକ ଚେତନାର ବିକାଶ ଓ ମାନବୀୟ ମୂଲ୍ୟବୋଧର ପ୍ରସାର ମାଧ୍ୟମରେ ଏହାକୁ ହଟାଯାଇ ପାରିବ। ସେହିପରି ଧାର୍ମିକ ମୌଳବାଦ ବାରମ୍ବାର ଆତ୍ମପ୍ରକାଶ କରୁଛି। ସାମଗ୍ରୀକ ଭାବେ ସମାଜ ବିଜ୍ଞାନର ଅନୁଗାମୀ ହେଲେ ଓ ବୈଜ୍ଞାନିକ ଚେତନାର ବଶବର୍ତ୍ତୀ ହେଲେ ଯେଉଁ ସଂକୀର୍ଣ୍ଣତାରୁ ମୌଳବାଦ ଜାତହୁଏ, ତାହା ଆପେ ଦୂରେଇଯିବ।

ସମ୍ବିଧାନରେ ସଂଯୋଜିତ ଏହି ମୌଳିକ କର୍ତ୍ତବ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚୀତ କରେ। ଏହାର ପାଳନ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନର ମାର୍ଗକୁ ଉନ୍ମୁକ୍ତ କରେ। ଦେଶକୁ ତଥା ସମାଜକୁ ମଧ୍ୟଯୁଗୀୟ ସଂକୀର୍ଣ୍ଣ ଭାବନାରୁ ବାହାର କରି ଆଧୁନିକତା ଆଡକୁ ନେଇ ଯିବାର ଅଭିପ୍ରାୟ ରଖେ। ଏକ ଐକ୍ୟବଦ୍ଧ, ନ୍ୟାୟପୂର୍ଣ୍ଣ, ସମତାଭିତ୍ତିକ ଓ ଭାତୃତ୍ୱଭାବ ଉପରେ ପ୍ରତିଷ୍ଠିତ ଏକ ନୂଆ ସମାଜର ପରିକଳ୍ପନା କରେ। ଉଚ୍ଚତର ବୈଜ୍ଞାନିକ ଚେତନାର ସ୍ଥାପନ ଦ୍ୱାରା ଏହା ସମ୍ଭବପର। ଏ ମୌଳିକ କର୍ତ୍ତବ୍ୟ କେବଳ ନାମକୁ ନୁହେଁ, ଏହା କାମକୁ। ସମ୍ବିଧାନରେ ସ୍ଥାନିତ ଏହି ନିର୍ଦ୍ଦେଶନାକୁ ପ୍ରତ୍ୟେକ ନାଗରୀକ ଆନ୍ତରିକତାର ସହିତ ପାଳନ କରିବା ଉଚିତ୍ ଓ ଦେଶକୁ ଏକ ଉନ୍ନତ ଶିଖରକୁ ନେଇଯିବା ପାଇଁ ପ୍ରଚେଷ୍ଟା କରିବା ଉଚିତ୍। ଧାରା ୫୧-କ(ଏଚ)ର ବ୍ୟାପକ ପ୍ରଚାର ଓ ପ୍ରସାର ସମୟର ଆବଶ୍ୟକତା ଅଟେ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦



# ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ଓ ଦୁର୍ଘଟଣା

**ଅଭୟ କୁମାର ଦାସ**

ଦୈନନ୍ଦିନ ସଡ଼କଜନିତ ଭୟାନକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ସଚେତନତାକୁ ଗୁରୁତ୍ୱ ଦେବା ପାଇଁ ବିଦ୍ୟାଳୟ ପାଠ୍ୟକ୍ରମ ବିଷୟରେ ସଡ଼କ ସୁରକ୍ଷାକୁ ଅନ୍ତର୍ଭୁକ୍ତ କରାଯାଇଛି। ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇତିହାସ, ରାଜନୀତି ବିଜ୍ଞାନ ସହ ଭୂଗୋଳରେ ମଧ ଏହା ସ୍ଥାନିତ ହୋଇଛି। ସୂଚାଇ ଦିଆଯାଇପାରେ ସଡ଼କ ସୁରକ୍ଷା କମିଟି ପକ୍ଷରୁ ବିଧିବଦ୍ଧ ଭାବେ ଚିନ୍ତା ପ୍ରକଟ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହା ଚଳିତ ୨୦୧୬-୧୭ ଶିକ୍ଷା ବର୍ଷରୁ ସ୍ଥାନିତ ହୋଇଛି। ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ବନ୍ଧରେ କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦେବା ସହ ନିୟମାବଳୀ ସମ୍ପର୍କିତ ସବିଶେଷ ତଥ୍ୟ ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇଛି। ବର୍ତ୍ତମାନର ଶିକ୍ଷା ଖସଡ଼ାରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିବେଶ ବିଜ୍ଞାନ ପାଠ୍ୟକ୍ରମରେ ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦିଆଯାଉଥିବା ବେଳେ ତୃତୀୟ ଶ୍ରେଣୀରେ ଜଣା ଅଜଣା ପାଠ୍ୟ ପୁସ୍ତକରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ତଥ୍ୟ ସୂଚିତ ହୋଇଛି। ଆମେ ଓ ଆମ ପରିବେଶ ପୁସ୍ତକ ଯାହାକି ଚତୁର୍ଥ ଶ୍ରେଣୀର ଶିକ୍ଷା ଖସଡ଼ାରେ ରହିଛି ସେଥିରେ ସାଧାରଣ ଦୁର୍ଘଟଣା ଓ ପଞ୍ଚମ ଶ୍ରେଣୀର ପରିବେଶ ବିଜ୍ଞାନ ପୁସ୍ତକରେ ସାମାଜିକ ଶୃଙ୍ଖଳା ବିଷୟରେ ରାସ୍ତା ଦୁର୍ଘଟଣାର କାରଣ, ଏଥିରୁ ରକ୍ଷା ପାଇବାର ଉପାୟ, ସାମାଜିକ ଦାୟିତ୍ୱ ଆଦି ବିଷୟରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ପୋଥିଗତ ବିଦ୍ୟା ଭାବରେ ପିଲାଙ୍କ ବହିରେ ଏସବୁ ସ୍ଥାନିତ ହେବା ବ୍ୟତୀତ ନିୟମିତ ଭାବେ ବିଭିନ୍ନ ସଚେତନଧର୍ମୀ ସ୍ଲୋଗାନ, ପ୍ରବନ୍ଧ, ତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହାପାଇଁ ବିଭାଗୀୟ କ୍ଷେତ୍ରରେ ପିଲାମାନଙ୍କ ଶ୍ରେଣୀ ରୁଟିନ୍‌ରେ ଦୁଇଟି ପିରିୟଡ଼ ରହିଛି। କେବଳ ସେତିକି ନୁହେଁ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ କ୍ଲାସ ଆରମ୍ଭ ପୂର୍ବରୁ ପ୍ରାର୍ଥନା ଶ୍ରେଣୀରେ ଯେଉଁ ନୈତିକତା, ଜ୍ଞାନବିଜ୍ଞାନ ସୂଚନା ବ୍ୟବସ୍ଥା ରହିଛି ସେଥିରେ ସଡ଼କ ସୁରକ୍ଷା ମଧ ଯୋଡ଼ା ଯାଇଛି। ଚଳିତ ବର୍ଷ ଶିକ୍ଷା ବର୍ଷରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ ଇତିହାସ ଓ ଭୂଗୋଳ ପୃଷ୍ଠା ପାଇଁ କଭର ପୃଷ୍ଠା ପଛପଟେ ସଡ଼କ ସୁରକ୍ଷା ସଂକ୍ରାନ୍ତ କରଣୀୟ ଓ ଅକରଣୀୟ ତଥ୍ୟ ସୂଚିତ କରାଯାଇଛି। ସଡ଼କ ସୁରକ୍ଷା ଭିତ୍ତିରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ଏପରି ପିଲାମାନେ ବିଦ୍ୟାଳୟ ବସରେ ଚଢ଼ିବା ବେଳେ ଗୋଟିଏ ଧାଡ଼ିରେ ଛିଡ଼ା ହୋଇ ଶୃଙ୍ଖଳା ରଖିବା, ପାଦଚଲା ରାସ୍ତାରେ ଯାଉଥିବାବେଳେ ଫୁଟ୍‌ପାଥ ବ୍ୟବହାର, ରାତିରେ ସାଇକେଲରେ ପ୍ରତିଫଳକ ପଟି ଲଗାଇବା, ଚାଲି ଚାଲି ରାସ୍ତା ପାର ହେଉଥିଲେ ଜେବ୍ରା କ୍ରସିଂ ଓ ଫୁଟ୍‌ଓଭର ବ୍ରିଜ୍ ବ୍ୟବହାର ପରି ବିଭିନ୍ନ ତଥ୍ୟ ସୂଚିତ ହୋଇଛି।

ସୂଚନା ପ୍ରଯୁକ୍ତିର ବୈପ୍ଳବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଳିକି, ସଚେତନତା ପାଇଁ କୋଟି କୋଟି ଟଙ୍କାର ଟଙ୍କା ଶ୍ରାଦ୍ଧ ହୋଇ ବି ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନ ଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘଣ୍ଟା ଭିତରେ ସେଥିରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନ ହାନୀ ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ, ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସହ ୫ଲକ୍ଷ ପାଖାପାଖି ଲୋକେ ଗୁରୁତର ଭାବେ ଆହତ ହେଉଛନ୍ତି। କେତେକ ବିକଳାଙ୍ଗ ହୋଇ ସାରା ଜୀବନ ବିତାଉଥିବାର ଛାତିଥରା ଘଟଣାଟି ହେଉଛି ଏହା। ସମଗ୍ର ପୃଥିବୀରେ ଅନ୍ୟ ରାଷ୍ଟ୍ର ତୁଳନାତ୍ମକ ପରିସଂଖ୍ୟାନରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ। ଗତ ୨୦୧୩ରେ ଦେଶରେ ଘଟିଥିବା ଦୁର୍ଘଟଣା ସଂଖ୍ୟା ଥିଲା ପ୍ରାୟ ୫ ଲକ୍ଷ ଏବଂ ଏଥିରେ ୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ।

ସଡ଼କ ଦୁର୍ଘଟଣାର ଭୟାବହତାର ତଥ୍ୟ ଯାହା ଅନେକ ହତଭାଗ୍ୟଙ୍କ ବୃତ୍ତିଗତ କ୍ଷେତ୍ର ଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢ଼ୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁଥିବାର ତ ଦେଖାଯାଉନାହିଁ? ତେବେ ଆଉ ଗୋଟିଏ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି ଯେ ଘଟଣାସ୍ଥଳରେ ମୁମୂର୍ଷୁ ହୋଇଥିବା ଲୋକଟିକୁ ତତ୍କାଳ ଚିକିତ୍ସାଳୟକୁ ନେଇ ପାରିଲେ ହୁଏତ କିଛି ଲୋକଙ୍କ ଜୀବନ ଅନ୍ତତଃ ବଞ୍ଚିଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ଦୁର୍ଘଟଣାର ଆହତଙ୍କୁ ଠିକଣା ସମୟରେ ଚିକିତ୍ସା ଏବଂ ସର୍ବନିମ୍ନ ସଡ଼କ ସୁରକ୍ଷା ନିୟମର ପାଳନ । ଆଇନ କମିସନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରନ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରୁନାହିଁ । ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ ଏ କ୍ଷେତ୍ରରେ ଏକ ବାଧକ । ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ବି ଏହି ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସେତେଟା ସେବା ଯୋଗାଇ ପାରୁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି । ପୁଲିସ୍ ଏବଂ ଅଦାଲତରେ ହଇରାଣ ହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ହୁଅନ୍ତି । ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମକୋର୍ଟର ବିଚାରାଧୀନ ରହିଛି । ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇ ନାହିଁ । ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଇନ ଓ ନିୟମର ଆବଶ୍ୟକ ସଂଶୋଧନ ହେବା ଏକାନ୍ତ ଆବଶ୍ୟକ । ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। ମାନ୍ୟବର କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ମାନ୍ୟବର ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧା ହୋଇ ଯାହା ଧୂଳି ହିଁ ଖାଉଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁନଥିବାରୁ ରାସ୍ତା ଦବି ଯିବା ଦ୍ୱାରା ବା ଫାଟ ସୃଷ୍ଟି ହେବା ଦ୍ୱାରା ବିଭିନ୍ନ ସମୟରେ ଦେଖାଯାଇଥାଏ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟ ବ୍ୟବହାର, ବଡ଼ଯାନର ସିଟ ବେଲଟ୍ ବ୍ୟବହାର ନ ହେଉଥିବାର, ଟ୍ରାଫିକ ନିମୟ ସମ୍ପର୍କରେ ସଚେତନ ନହୋଇଥିବାରୁ ଏହା ବି ଏକ ପ୍ରକାର କାରଣ। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତଃ ଘଟିପାରିବ ନାହିଁ। ସର୍ବୋପରି ଆମ ସମସ୍ତଙ୍କର ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ବି ନିହାତି ଜରୁରୀ।

ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭




## ହାତ...

**ଜୁମର ନାଥ ପାତ୍ର**

କାଳେ ଖସିଯିବ ହାତ, ହଜିଯିବି କି ପଡ଼ିଯିବି
ଜାବୁଡ଼ି ଧରିଥାଏ ବାପାଙ୍କ କାଣୀ ଆଙ୍ଗୁଠିକୁ
ସେଇ ଠୁକୁଠୁକୁ ଚଲା ବୟସରେ,
ବିଶ୍ୱାସ ଥାଏ ବାପାଙ୍କର ମୋ ଉପରେ
ମୋ'ର ବି ଥାଏ ଅଖଣ୍ଡ ଭରସା ବାପାଙ୍କ ଠି
କୋଉଠି ଅଲଗା ନହେବାର ଦୁହେଁ ଦୁହିଁଙ୍କଠୁ,
ଆଙ୍ଗୁଳି ଚୁଚୁମୁଥିବା କୁନି ହାତ ପାପୁଲିରେ ମାଆ ଆଙ୍କେ
ଗୋଲ କଳା ଟିପା, ଚୁମାଟେ ଦେଇ
ନିର୍ଭୟ ରୁହେ, ନିଶ୍ଚିତ ରୁହେ ମାଆ
କାହା କଳା ନଜର ନଲାଗୁ ତା' ଧନକୁ,
ହାତ ଧରିଲା ଧଳା ଖଡ଼ି ବ୍ରହ୍ମା, ବିଷ୍ଣୁ,ମହେଶ ର ମଣ୍ଡୁଳାରେ
ପରେପରେ କଲମ,ବହି, ଖାତା,...
ଶକ୍ତି ଆସିଲାଣି ହାତରେ,
ସାଇକେଲ, ମୋଟରସାଇକେଲ ଧରି
ରୁଗୁଡିଆ ପାଲଟିଯାଇଥିବା ହାତଟା କିନ୍ତୁ
ଆକସ୍ମିକ ଭାବେ ଆହ୍ଲାଦିତ ହେଲା
ଯୌବନ ଶିଡ଼ି ଚଢୁଚଢୁ ପ୍ରିୟାର କଅଁଳ ହାତମୁଠାରେ,
ଟାଉଁସିଆ ହାତରେ ପ୍ରଜାପତି ଧରି ପ୍ରିୟାକୁ ଉପହାର,
ରଙ୍ଗୀନ୍ ସ୍ୱପ୍ନରେ ସ୍ୱର୍ଗର ପାରିଜାତ ତୋଳିବା....
ସବୁ ଛିଡ଼ିଯାଏ, ସବୁ ଉଭେଇଯାଏ ବିଚ୍ଛେଦ
ଆଉ ପ୍ରତାରଣାରେ,
ହାତ ଧରେ ହାତୁଡ଼ି, ହାତ ଗଣେ ରୋଜଗାର ପଇସା
ହାତ ଧରେ ଆଉ ଗୋଟେ ହାତ
ଆଶାର, ନିର୍ଭୟ ପ୍ରତିଶ୍ରୁତିର,
ଜୀବନ ନାଆରେ ଆହୁଲା ମାରୁ ମାରୁ
ଥକ୍କି ପଡୁଥିବା ହାତର କାଣୀ ଆଙ୍ଗୁଠିକୁ ଧରି
ଓହ୍ଲେଇ ଆସେ ଆଉ ଗୋଟେ କଅଁଳ ହାତ
ନୂଆ ଜୀବନର ନୂଆ ସମ୍ପର୍କରେ...
ସେ କଅଁଳ ହାତ ଏବେ ହୋଇସାରିଛି ଶକ୍ତ
ଜୀବନର ଧାରାବାହିକ ଢଙ୍ଗରେ...
ହେଲେ... ହେଲେ
ସେଇ ସାତ...! ସେଇ ମୋ ହାତ...!!
ହଁ ଚା' କପ୍ ପାଟିକୁ ନବାକୁ ଅକ୍ଷମ ଆଜି,
ହରେଇଛି ଆଙ୍ଗୁଳି ଦେଖେଇବାର ସ୍ପର୍ଦ୍ଧା,
କଲମ ମୁହଁ ମୋଡ଼ିଛି ଆଙ୍ଗୁଳି ସନ୍ଧିରୁ,
କେବଳ ଆଉ କେବଳ ହାତ ଟେକି
ଆଙ୍ଗୁଳିରେ ଲେଖିବାକୁ ପ୍ରୟାସ କରେ କବିତା
ପୁନେଇଁ ଜହ୍ନ ଛାତିରେ ...।

ବାଲେଶ୍ୱର
ମୋ:୬୩୭୦୨୯୮୪୪୦

## ଶୀତ ନୁହେଁ ଗୋଟେ ଅଲୋଡା ଋତୁ

**ନୀଳମଣି ଚାନ୍ଦ**



ଶୀତ ନୁହେଁ ଗୋଟେ
ଅଲୋଡା ଋତୁ ଯେ
ରଖିବା ଦୂରେଇ ଦେଇ
ତିରସ୍କାର କିଆଁ ତା କପାଳେ ଲେଖା
ମିଛେ କରନାହିଁ ଦାୟୀ।

କୁହୁଡିର ସେଇ କାନଭାସଟିରେ
ଆଙ୍କି ନାହଁ ଯଦି ଛବି
କେଉଁ ଚିତ୍ରକର ଭାବରେ ଗଣାରେ
ନୁହେଁ ତୁମେ ଅନୁଭବୀ।

ସାଉଁଟିନା ଯଦି ମୁକୁତା ଟୁକୁଡା
ସକାଳ ଖରାରେ ବୁଲି
କେମିତି ପାରିବ ସୋରିଷ ଫୁଲର
ମାୟାରେ ନିଜକୁ ଭୁଲି।

ଏତେ ସପନକୁ ବଡ଼ ଶୀତରାତି
ଯଦି ପାରିଲନି ଦେଖି
କେମିତି କହିବ ଉଲ୍ ର ହାଟ
ସେ ଯାଇଛି ବୁଲି ଥକି।

ଶୀତ ଗୋଟେ ଋତୁ ମୋ ଲକ୍ଷ୍ମୀ
ମାଆର
ଖଳାରେ ପକାଏ ପାଦ
ସିଏ ବୁଲିଯାଉ ନଳବଣ ଆଡେ
ସାଧନି ତା ସାଥେ ବାଦ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭



## ଗାଆଁ ଆଉ ଶୀତ

**ଅନନ୍ତ କୁମାର**

ସତରେ ଗାଁ ଶବ୍ଦଟି ଶୁଣିଦେଲେ ଯିଏ ଯେଉଁଠି ଥାଉ ନା କାହିଁକି ତା ଆଖି ସାମ୍ନାରେ ଛୋଟ ବେଳୁ ଏଯାଏଁ ଗାଁର ଟିକି ନିକି ଘଟିଥିବା ଘଟଣା ଏବଂ ପ୍ରତେକଟି ଛବି ଝଲସି ଯାଏ ଆଉ ମନ ଭିତରେ କେତେ କଥା ମନକୁ ଆସି ଫେରିଯାଏ ପ୍ରତେକଟି ଋତୁ ପ୍ରତେକଟି ପର୍ବ ଗାଁରେ ନିଆରା, ଶରତର ପରେ ପରେ ଶୀତ ଥିରି ଥିରି ପାଦ ପକାଇ ଆସେ ଏ ଧରା ବକ୍ଷକୁ ଆଉ ସମସ୍ତଙ୍କୁ ଭିଜେଇ ଦିଏ ତା ଟୋପା ଟୋପା କାକର ବିନ୍ଦୁରେ.। ଗାଁ ଆଉ ଶୀତ ସତେ ଯେପରି ଦୁଇ ଭାଇ ଜଣେ ଜଣଙ୍କ ବିନା ଅଧୁରା, ସଂନ୍ଧ୍ୟା ହେଇ ଆସିଲେ ରବିର କିରଣ ଧିରେ ଧିରେ ନିସ୍ତେଜ ହେଇଯାଏ ଚନ୍ଦ୍ରମା ଧୀରେ ଧୀରେ ଶୀତଳ କିରଣ ଧରି ମାଡି ଆସେ ସବୁଜ କ୍ଷେତରେ ପରିପୂର୍ଣ୍ଣ ଥିବା ଛୋଟ ଗାଆଁ ଟିକୁ ଯେତେ ରାତି ବଢୁ ଥାଏ ଛୋଟ ଗାଁ କୋଳାହଳ ଶୂନ୍ ହେଇଯାଏ, ଶୀତ ଆସିଲେ ଗାଁକୁ ସମସ୍ତଙ୍କୁ ଥରାଇ ଦିଏ ତା ସ୍ପର୍ଶରେ ଆଉ ଦେହକୁ ଡାଙ୍କି ଦେଇ ଥାଏ ଶୀତ ବସ୍ତ୍ର ସତରେ ଶୂନ ଶାନ ରାତିରେ ଗାଁ ବିଲ ବାଡି ସବୁ କାକର ଟୋପା ଆଉ କୁହୁଡ଼ିରେ ଏତେ ଧବଳ ମୟ ଦିଶେ ତାହା କଳ୍ପନାର ବାହାରେ ଅନ୍ଧକାର ଶୀତୁଆ ରାତିରେ କେବଳ ଗାଁରେ ବବହୃତ ଲଣ୍ଠନ ଏକ ମାତ୍ର ବାଟ ଦେଖେଇବାର ସାହା ଭରସା ଯେବେ ରାତି ପାହି ପାହି ଆସେ ଶୀତ ଆହୁରି ଥରାଏ ଆଉ କାକର ବିନ୍ଦୁ ଠପ ଠପ ହେଇ ମାଟିରେ ପଡି ଭିଜାଏ, ଆଉ ରାତି ପାହି ଯେବେ ଗାଁ ର ସକାଳ ଆସେ ବିଲ ବାଡି କୁହୁଡ଼ି ମୟ ହେଇ ବୁଢିଆଣୀ ବସାର ଜାଲ ପରି ସଜେଇ ହେଇ ଧାନ କ୍ଷେତରେ ଏଣେ ତେଣେ ପଡିଥାଏ କି ସୁନ୍ଦର ମନହୋର ଦୃଶ୍ୟ ସେ ସମୟରେ କହିଲା ବେଳକୁ ମନ ପ୍ରଫୁଲ୍ଲିତ ହେଇ ଉଠୁଛି। ଆଉ ମନ ଚାହୁଁଛି ସେହି ଗାଁ କୁ ଫେରି ଯାଆନ୍ତି ସେହି ସମୟକୁ ଫେରି ଯାଇ ସବୁ ଦେଖନ୍ତି, ଶୀତ ସକାଳ ଆଉ ଗାଁ ସତରେ ଏକ ନିଆରା ଯୋଡି ଶୀତ ସମୟରେ ।

ତିହିଡି, ଭଦ୍ରକ
କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ମୋ: ୮୩୩୯୯୩୯୯୨୯

ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ଜାନୁଆରୀ ୧୦ ବୁଧବାର, ୨୦୨୪

# ପଣସ



**ଭାରତର ପଣସର ଆଦର ସର୍ବଦା ରହିଆସିଛି। ଭାର ବେଭାରରେ ପଣସ ନହେଲେ ନଚଳେ। ଅନ୍ୟ ଫଳଠାରୁ ଏହି ଫଳଟି ଆକୃତିରେ ଢେର ବଡ଼। ଏହା କଞ୍ଚା ଏବଂ ପାଚିଲା ବ୍ୟବହାର କରାଯାଇଥାଏ। କଞ୍ଚା ପଣସ ରନ୍ଧାପଣସ ନାମରେ ପରିଚିତ। ଏହାକୁ ନେଇ ବିଭିନ୍ନ ପ୍ରକାର ତରକାରି, ଛଣାଛଣି, ଆଚାର ପ୍ରଭୃତି ପ୍ରସ୍ତୁତ ହୁଏ। ପାଚିଲା ପଣସ ମଧ୍ୟ ବେଶ ରସାଳ। ଏହାର ମଞ୍ଜିକୁ ନେଇ ମଧ୍ୟ ସ୍ୱାଦିଷ୍ଟ ତରକାରି ପ୍ରସ୍ତୁତ ହୁଏ। ପଣସ କେବଳ ସ୍ୱାଦିଷ୍ଟ ନୁହେଁ, ଏଥିରେ ରହିଛି ଅନେକ ପୌଷ୍ଟିକ ତତ୍ତ୍ୱ। ଭିଟାମିନ-ଏ, ଭିଟାମିନ-ସି, ପୋଟାସିୟମ, କ୍ୟାଲସିୟମ, ରାଇବୋଫ୍ଲୋବିନ, ଆଇରନ, ନିଆସିନ, ଜିଙ୍କ ଆଦି ଏଥିରୁ ମିଳିଥାଏ। ଏଥିରେ ଭରପୁର ଫାଇବର ରହିଛି। ତେବେ ଏଥିରେ ଆଦୌ କ୍ୟାଲୋରି ନାହିଁ କହିଲେ ଚଳେ। ହୃଦରୋଗୀଙ୍କ ପାଇଁ ଏହି ଫଳ ବେଶ୍ ଉପକାରୀ। ଏହା ମଧ୍ୟ ଶକ୍ତି ପ୍ରଦାନକାରୀ। ଫଳ ଓ ମଞ୍ଜି ପରି ପଣସଗଛର ଚେର ମଧ୍ୟ ଅନେକ ଉପାକାରରେ ଆସିଥାଏ। ଏବେ ଜାଣନ୍ତୁ ଏହାର ଆଉକି ଔଷଧୀୟ ଗୁଣ ସମ୍ପର୍କରେ...**

- ପଣସରେ ଥିବା ପୋଟାସିୟମ ହୃତପିଣ୍ଡଜନିତ ସମସ୍ୟାକୁ ଦୂର କରିଥାଏ। କାରଣ ଏହା ରକ୍ତଚାପକୁ ହ୍ରାସ କରିଥାଏ।

- ଏହା ତନ୍ତୁଜାତୀୟ ଫଳରେ ଯଥେଷ୍ଟ ପରିମାଣରେ ଆଇରନ ବା ଲୌହ ଉପଲବ୍ଧ। ଏହା ରକ୍ତଚାପ ଦୂର କରିବା ସହ ରକ୍ତ ସଞ୍ଚାଳନ ସୁଗମ କରିଥାଏ।

- ଶ୍ୱାସରୋଗୀଙ୍କ ପାଇଁ ଏହି ଗଛର ମୂଳ ଉପକାରରେ ଆସିଥାଏ। ଏହାର ଚେରକୁ ପାଣିରେ ସିଝାଇ ସେହି ପାଣିକୁ ପାଣି ପିଇବା ଦ୍ୱାରା ଶ୍ୱାସରୋଗ ଦୂର ହୋଇଥାଏ।

- ଏଥିରେ ଥିବା ଖଣିଜ ଥାଇରଏଡ଼ଜନିତ



ସମସ୍ୟାକୁ ଦୂର କରେ। ହର୍ମୋନ୍ ସୃଷ୍ଟିରେ ଏହା ସହାୟକ ହୋଇଥାଏ।

- ହାତକୁ ମଜଭୁତ୍ କରିଥାଏ ଏହି ଫଳ। ଏହାଦ୍ୱାରା ଭବିଷ୍ୟତରେ ଅଷ୍ଟିଓପୋରସିସ୍ ସମସ୍ୟାରୁ ରକ୍ଷା ମିଳିଥାଏ।

- ଏଥିରେ ଥିବା ଭିଟାମିନ 'ଏ' ଏବଂ 'ସି' ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ବ୍ୟାକ୍ଟେରିଆଲ ଏବଂ ଭାଇରାଲ ସଂକ୍ରମଣରୁ ରକ୍ଷା କରିଥାଏ।

- ଶର୍କରା ପରି ଏହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ। ତେବେ ଏଥିରେ ଚର୍ବି କିମ୍ବା କୋଲେଷ୍ଟରଲ ନଥାଏ।

-ପଣସ ଅଲସର ଭଲକରେ। ପାଚନ ସମସ୍ୟା ବା ଅଜୀର୍ଣ୍ଣ ଦୂରକରେ। ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟରୁ ରକ୍ଷା କରିଥାଏ।

- ଏହି ଫଳ ଆଖି ଏବଂ ତ୍ୱଚା ପାଇଁ ବେଶ୍ ଉପକାରୀ। ପଣସରେ ଥିବା ଭିଟାମିନ ଏ ଦୃଷ୍ଟିଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ସୁନ୍ଦର କରିଥାଏ। ଅନ୍ଧାରକଣା ପରି ରେଗାକୁ ମଧ୍ୟ ଏହା ଠିକ୍ କରିଥାଏ।

- ଆୟୁର୍ବେଦ ଅନୁଯାୟୀ, ପାଚିଲା ପଣସ ପୁରୁଷର ଶୁକ୍ରାଣୁ ବୃଦ୍ଧିରେ ସହାୟକ ହୋଇଥାଏ। ପ୍ରାଚୀନ କାଳରେ ପୁରୁଷର ଯୌନ ସମସ୍ୟା ଦୂର ପାଇଁ ପଣସ ବ୍ୟବହାର କରାଯାଉଥିଲା।

ଗୋଟେ କପ୍ ପଣସ ରସରେ ୪୦ ଗ୍ରାମ କାର୍ବୋହାଇଡ୍ରେଟ୍ ଥାଏ। ଏହା ଓଜନ ତଥା ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ପଣସର ଆହୁରି ଅନେକ ଔଷଧୀୟ ଗୁଣ ରହିଛି।

# ହ୍ୟାକିଂ ବାବଦରେ ସବୁକିଛି...



ହ୍ୟାକିଂ କହିଲେ ଫେସବୁକ, ଜିମେଲ କିମ୍ବା ୱେବସାଇଟକୁ ବିନା ପାସୱାର୍ଡ଼ରେ ଖୋଲିଦେବା କେବଳ ନୁହେଁ, ବରଂ ବୃହତ ଅର୍ଥରେ ସାଇବର ସୁରକ୍ଷା ପ୍ରଣାଳୀରେ ରହିଥିବା ଦୋଷ ତ୍ରୁଟିକୁ ଆବିଷ୍କାର କରିବା ହିଁ ଏହାର ମୂଳ ଲକ୍ଷ୍ୟ। ଏହା ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିଥାଏ। ତେବେ ସମର୍ପଣ ଭାବ ସହ ପ୍ରଯୁକ୍ତି ବିଦ୍ୟାରେ ନିତ୍ୟ ପ୍ରତିଦିନ ଘଟୁଥିବା ପରିବର୍ତ୍ତନର ଖବର ରଖୁଥିବା ବ୍ୟକ୍ତି ହିଁ ଜଣେ ଭଲ ହ୍ୟାକର ହୋଇପାରିବ।

ବିଭିନ୍ନ ଦୃଷ୍ଟିକୋଣରୁ ହ୍ୟାକରଙ୍କୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ। ତେବେ ଆମେ ମୁଖ୍ୟତଃ ୫ଭାଗରେ ହ୍ୟାକରଙ୍କୁ ଭାଗ କରିବା।

୧.ସ୍କ୍ରିପ୍ଟ କିଡ଼ିଜ୍: ଏହି ପ୍ରକାରର ହ୍ୟାକରମାନେ ପ୍ରକୃତ ହ୍ୟାକର ନୁହନ୍ତି, କିନ୍ତୁ ଏହି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ପ୍ରକୃତ ହ୍ୟାକରମାନଙ୍କର ଆଲେଖ୍ୟ, ଉପକରଣ, ସାଧନ ଓ ପ୍ରକ୍ରିୟାକୁ ବ୍ୟବହାର କରି ଏମାନେ ହ୍ୟାକିଂ କରିଥାନ୍ତି। ସିଷ୍ଟମ କିଭଳି ଭାବେ କାମ କରେ ତାର ପ୍ରକୃତ ଜ୍ଞାନବିନା ଏମାନେ ପୂର୍ବରୁ ରହିଥିବା ହ୍ୟାକିଂ ଉପକରଣ ମାଧ୍ୟମରେ ନିଜର ଲକ୍ଷ୍ୟ ହାସଲ କରିଥାନ୍ତି।

୨. ହ୍ୱାଇଟ ହ୍ୟାଟ ହ୍ୟାକର: ହ୍ୱାଇଟ ହ୍ୟାଟ ହ୍ୟାକରମାନେ ହିଁ ପ୍ରକୃତ ହ୍ୟାକର। ଏମାନେ ଉତ୍ତମ ଲକ୍ଷ୍ୟ ନେଇ ସିଷ୍ଟମରେ ରହିଥିବା ଦୋଷତ୍ରୁଟିକୁ ଖୋଜି ବାହାର କରିବା ସହ ତାକୁ ସଂଶୋଧନ କରିବାରେ ସହାୟତା କରିଥାନ୍ତି। ଏମାନେ ମୁଖ୍ୟତଃ ବିଭିନ୍ନ କମ୍ପାନୀର ବେତନଭୋଗୀ କର୍ମଚାରୀ। ନିଜର ଜ୍ଞାନ କୌଶଳ ଦ୍ୱାରା କମ୍ପାନୀର ବିଭିନ୍ନ ସମ୍ପତ୍ତିକୁ ସାଇବର ଆକ୍ରମଣରୁ ରକ୍ଷା କରିବା ଏମାନଙ୍କ ମୂଳକାର୍ଯ୍ୟ। ଅବଶ୍ୟ କେତେଜଣ ସାମାଜିକ ଦାୟିତ୍ୱ ଏବଂ କେତେକ ସ୍ଥଳରେ ଅର୍ଥ ପାଇଁ ବ୍ୟକ୍ତିଗତ ଭାବେ ଏ ଦିଗରେ କାର୍ଯ୍ୟ କରିଥାନ୍ତି। ମେଟାସ୍ପ୍ଲଏଟ ନାମକ ଏକ କମ୍ପାନୀ ସିଷ୍ଟମରେ ତ୍ରୁଟିକୁ ଖୋଜି ବାହାର କରିବାରେ ନିରନ୍ତର ପ୍ରୟାସ ଜାରି ରଖିଛି।

୩. ବ୍ଲାକହେଟ ହ୍ୟାକର: ଏହି ହ୍ୟାକରମାନେ ହେଲେ ଶତ୍ରୁ। ଏହି ସାଇବର ଅପରାଧୀମାନେ ନିଜର ସ୍ୱାର୍ଥ ସାଧନ ପାଇଁ ହ୍ୟାକିଂକୁ ବ୍ୟବହାର କରିଥାନ୍ତି। ଏହି ହ୍ୟାକରମାନେ ସାଧାରଣତଃ ଅନଲାଇନରେ ଅର୍ଥ ଓ ଡାଟା ଚୋରି କରିଥାନ୍ତି। ଏମାନେ କମ୍ପ୍ୟୁଟର ସିଷ୍ଟମକୁ ଭାଇରସ ଟ୍ରୋଜାନସ ଏବଂ ମାଲୱେର ଆଦିର ସହାୟତାରେ ଖରାପ କରି ଦେଇଥାନ୍ତି। ସାଇବର ଭାଷାରେ ଏମାନଙ୍କୁ କ୍ରେକର ବୋଲି କୁହାଯାଏ। ଏହିମାନେ ତାଙ୍କ କୌଶଳକୁ ଅପରାଧିକ ଗତିବିଧି ପାଇଁ ବ୍ୟବହାର କରିଥାନ୍ତି, ଏପରିକି ବହୁ ସମୟରେ କେବଳ ମଜା ଦେଖିବା ପାଇଁ ଏକ ବ୍ୟବସ୍ଥାକୁ ତ୍ରୁଟିପୂର୍ଣ୍ଣ କରି ଦେଇଥାନ୍ତି। ତେଣୁ ଏଭଳି ହ୍ୟାକର ଯେଭଳି ସଫଳ ନହେବେ ତାହା ପ୍ରତି ହ୍ୱାଇଟ ହ୍ୟାଟ ହ୍ୟାକରଙ୍କ ଦାୟିତ୍ୱ।

୪. ଗ୍ରେ ହ୍ୟାଟ ହେକର: ପରିସ୍ଥିତି ଅନୁସାରେ ଭଲ କିମ୍ବା ଖରାପ ପାଇଁ ନିଜ ବିଦ୍ୟାକୁ ବ୍ୟବହାର କରୁଥିବା ଏହି ହ୍ୟାକରଙ୍କୁ ଗ୍ରେ ହ୍ୟାଟ ହ୍ୟାକର ବୋଲି କୁହାଯାଇଥାଏ। ଅପରାଧ ଲକ୍ଷ୍ୟ ନେଇ ଏମାନେ ହ୍ୟାକିଂ କରୁ



ନଥିଲେ ସୁଦ୍ଧା ବହୁ ସମୟରେ ତୃତୀୟ ପକ୍ଷର ବିନା ଅନୁମତିରେ ସିଷ୍ଟମରେ ବିଭିନ୍ନ କାରଣରୁ ତ୍ରୁଟି ଉତ୍ପନ୍ନ କରୁଥିବାରୁ ଏମାନଙ୍କୁ କେହି ପସନ୍ଦ କରନ୍ତି ନାହିଁ। ବହୁ ସମୟରେ ସିଷ୍ଟମରେ ରହିଥିବା ଦୁର୍ବଳତାକୁ ଜଣାଇବା ସହ ନିଜର ଅସ୍ତିତ୍ୱ ଜାହିର କରିବା ପଇଁ ସିଷ୍ଟମର କ୍ଷତିକରି ପକାଇଥାନ୍ତି।

୫. ହ୍ୟାକଟିଭିଷ୍ଟ: ଏହି ଧରଣର ହ୍ୟାକରମାନେ ସାଧାରଣତଃ ଅନ୍ୟାୟ ବିରୋଧରେ ପ୍ରତିବାଦ ପାଇଁ ୱେବସାଇଟରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟକୁ ଲୋକଲୋଚାନକୁ ଆଣିବା ପାଇଁ ତାଙ୍କର କୌଶଳକୁ ପ୍ରୟୋଗ କରିଥାନ୍ତି। ହ୍ୟାକିଂ ଦୁନିଆର ଏହିମାନେ ପ୍ରଚ୍ଛଦପଟ୍ଟ ନାୟକ। ପ୍ରାୟତଃ ଅନ୍ତରାଳରେ ରହି ନିଜର ଗତିବିଧି ଜାରି ରଖିଥାନ୍ତି। ଏମାନେ ସାଧାରଣତଃ ଚାଲାକିରେ କାମ କରୁଥିବାରୁ ନିଜର ପରିଚୟ ଗୋପନ ରଖିବାରେ ସମର୍ଥ ହୁଅନ୍ତି।

ବ୍ଲାକ ହ୍ୟାଟ ହ୍ୟାକରଙ୍କ ଠାରୁ ସତର୍କ ରହିବାର ଆବଶ୍ୟକତା ରହିଛି। ସିଷ୍ଟମରେ ତ୍ରୁଟିପୂର୍ଣ୍ଣ ପ୍ରୋଗ୍ରାମିଂ କରିବା ହ୍ୟାକିଂର ମୂଳତତ୍ତ୍ୱ ହୋଇଥିବା ବେଳେ ଏଥିପାଇଁ ବ୍ୟକ୍ତିଗତ ଭାବେ ସିଷ୍ଟମକୁ ବ୍ୟବହାର କରିବା କିମ୍ବା ଅନଲାଇନରେ ପ୍ରୋଗ୍ରାମିଂକୁ ସଂପୃକ୍ତ ସିଷ୍ଟମରେ ସ୍ଥାପିତ କରିବାକୁ ପଡ଼ିଥାଏ। ତେଣୁ ଅନଲାଇନରେ ବିଭିନ୍ନ ପ୍ରକାର ଲିଙ୍କକୁ ବ୍ୟବହାର କରିବା ପୂର୍ବରୁ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ବହୁ ୱେବସାଇଟ ତତ୍ତ୍ୱାବଧାରକ ତାଙ୍କ ୱେବସାଇଟ ସୁରକ୍ଷିତ ରହିଥିବାର ପ୍ରତୀକ ସ୍ୱରୂପ ଏକ ତାଲା ଚିହ୍ନ ଦେଇଥାନ୍ତି। ଏହାସହ କେତେକ ୱେବସାଇଟ ଏଚଟିଟିପି ପରେ ଏସର ବ୍ୟବହାର କରିଥାନ୍ତି। ଏହିଭଳି ପଞ୍ଜିକୃତ ୱେବସାଇଟ ବଦଳରେ ଅଜଣା ୱେବସାଇଟର ଲିଙ୍କକୁ ବ୍ୟବହାର କରିବା ଅନୁଚିତ।

# ଓଠକୁ ସୁନ୍ଦର କରାନ୍ତୁ



- ଆପଣ ଘରେ ଆଲମଣ୍ଡ ତେଲ ଏବଂ ଚିନିକୁ ମିଶାଇ ଏକ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଓଠରେ ମାରିଲେ ଆପଣଙ୍କ ଓଠର ସେହି ଶୁଖିଲା ଅଂଶ ଛାଡ଼ିଯାଇଥାଏ। ଏହାପରେ ମହୁ ଲଗାନ୍ତୁ। ଏପରି ଭାବେ ପ୍ରତି ଦୁଇଦିନରେ ଥରେ ରାତିରେ ଶୋଇବାକୁ ଯିବା ପୂର୍ବରୁ କଲେ ଓଠଫଟା ସମସ୍ୟାରୁ ମୁକ୍ତି ମିଳିବ ଏବଂ ଓଠ କୋମଳ ହେବ।

- ବିଟ୍ ଜୁସ ଲଗାଇଲେ ଏବଂ ପିଇଲେ ଏହା ଓଟଠର ସୌନ୍ଦର୍ଯ୍ୟ ବୃଦ୍ଧି କରାଇଥାଏ। ଏହା ବାଦ ଯେତେ ପାରିବେ ଲିଚୁକୋଳି ଏବଂ ଟମାଟୋ ଖାଆନ୍ତୁ।

- ଯଦି ଆପଣଙ୍କ ଓଠ କଳା ପଡ଼ିଯାଇଛି ତେବେ ଲେମ୍ବୁ ରସକୁ କ୍ଷୀରରେ ମିଶାଇ ଓଠରେ ମାରନ୍ତୁ। ଏହାଦ୍ୱାରା ଓଠ କଳା ପଡ଼ିବ। କମିଯିବ। ରାତିରେ ଶୋଇବାକୁ ଯିବା ପୂର୍ବରୁ ଭିଟାମିନ ଇ ଯୁକ୍ତ ଅଏଲ ଓଠରେ ଲଗାନ୍ତୁ।

- ଓଠର ମେକଅପ ପାଇଁ ଶସ୍ତା ଜିନିଷ ବ୍ୟବହାର କରନ୍ତୁନି। ଶସ୍ତା ଗ୍ଲସ ଏବଂ ଲିପଷ୍ଟିକ ବ୍ୟବହାର କରିବା ଓଠ ପାଇଁ କ୍ଷତିକାରକ । ଏହାଦ୍ୱାରା ଆପଣଙ୍କ ଓଠ ଅଧିକ ଫାଟିଯାଇପାରେ। ତେଣୁ ବ୍ରାଣ୍ଡେଡ୍ ଜିନିଷ ପସନ୍ଦ କରନ୍ତୁ। ପ୍ରଥମେ କଲର ଲେସ ଲିପ ଗ୍ଲସ ବ୍ୟବହାର କରି ତାପରେ ଡାର୍କ କଲର ଲିପ୍‌ଷ୍ଟିକ ଲଗାନ୍ତୁ। ଏହା ଓଠକୁ ଅଧିକ ସୁନ୍ଦର କରିଥାଏ।

# ଅବାଞ୍ଛିତ ଆପ୍ ଡାଉନ୍ ଲୋଡ଼ କରୁଥିଲେ ବିରତ ରୁହନ୍ତୁ



ଡାଉନଲୋଡ଼ କରିଦେଇଥାନ୍ତି। ପରେ ଏହା ନାମ ଅନୁରୂପ ତାଙ୍କ ବ୍ୟବହାର ଅନୁପଯୋଗୀ ହୋଇଥିବା ଦେଖି ତାକୁ ଡିଲିଟ୍ କରି ଦିଅନ୍ତି। ତେବେ ଆପଣ ଜାଣି ନଥିବା ଆପ୍‌କୁ ଫେଶନରେ ଡାଉନଲୋଡ଼ କରିବା ଏବଂ ଏହାର କାର୍ଯ୍ୟକାରିତା ଯାଞ୍ଚ କରିବା ମଧ୍ୟରେ ଏହି ଆପ୍ ଜରିଆରେ ହ୍ୟାକରମାନେ ଆପଣଙ୍କ ମୋବାଇଲରୁ ସେମାନେ ଚାହୁଁଥିବା ଡାଟା ଯେଭଳିକି ଫେଶନ ନମ୍ବର, ଏସଏମଏସ, ଇମେଲ ଆଦି ନେଇ ଯାଇଥାନ୍ତି। ଏହି ତଥ୍ୟ ଆଧାରରେ ସୋମନେ ଆପଣଙ୍କ ବହୁ ବ୍ୟକ୍ତିଗତ ଓ ଗୋପନୀୟ ତଥ୍ୟକୁ ନେଇଯାଇଥାନ୍ତି। ଉଦାହରଣ ସ୍ୱରୂପ ମୋବାଇଲ ଏସଏମଏସରେ ବ୍ୟାଙ୍କ୍ ଖାତାରେ ରହୁଥିବା ଜମା ଟଙ୍କାର ପରିମାଣ ଲେଖା ହୋଇ ଆସୁଥିବା ବେଳେ ଆପଣ କେଉଁ କେଉଁ ବ୍ୟାଙ୍କରେ ଜମା ଖାତାଅଛି, ସେଠାରେ କେତେ ଟଙ୍କା ଅଛି ଆଦି ହ୍ୟାରକାମନେ ଜାଣି ପାରିଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ବିଭିନ୍ନ ଠକାମୀ ପାଇଁ ସେମାନଙ୍କୁ ସହାୟତା କିରଥାଏ। ବିଭିନ୍ନ ଆପ ଫୋନରେ ଚାଲୁ କରିବା ପାଇଁ କେତେଗୁଡ଼ିଏ ଅନୁମତି ଆବଶ୍ୟକ ହୋଇଥାଏ। ତେବେ କେହି ମଧ ଏହି ଅନୁମତି ଗୁଡ଼ିକୁ ପଢ଼ି ନଥାନ୍ତି। ତେଣୁ ଆପ ମାଧ୍ୟମରେ ଡାଟା ଗୁଡ଼ିକୁ ନେବା ସହଜ ହୋଇଥାଏ। ଏହି ପ୍ରକ୍ରିୟାରେ ବିଶେଷତଃ ଅନଲାଇନ ସର୍ଫିଂ ସାଇଟଗୁଡ଼ିକ ଆପଣଙ୍କ ରୁଚିକୁ ଜାଣିଯିବା ସହିତ ସେହି ଅନୁସାରେ ଆପଣ ୱେବସାଇଟ ଖୋଲିଲେ ସାମଗ୍ରୀ ଗୁଡ଼ିକୁ ପ୍ରଦର୍ଶନ କରିବା ସହିତ ଅଫର ଦେଇଥାନ୍ତି।

# ଦାନ୍ତକୁ ସୁସ୍ଥ ରଖିବା ପାଇଁ ଆଖୁ ଚୁଷନ୍ତୁ



ସବଳ ଦାନ୍ତ ଭଲ ସ୍ୱାସ୍ଥ୍ୟ ଲକ୍ଷଣ ଅଟେ । ଦୁର୍ବଳ ଦାନ୍ତ ପେଟ ସମ୍ବନ୍ଧୀୟ ରୋଗକୁ ନିମନ୍ତ୍ରଣ ଦେଇଥାଏ । ଦୁର୍ବଳ ଦାନ୍ତ ଦ୍ୱାରା କମ୍ ଚୋବାଉଥିବା ଭୋଜନ ପେଟ ଭିତରକୁ ଚାଲିଯାଇଥାଏ ଯାହାକୁ ହଜମ କରାଇବାରେ ପେଟକୁ ବହୁତ ପରିଶ୍ରମ କରିବାକୁ ପଡିଥାଏ । ହଜମ ନ ହୋଇପାରିଲେ କୋଷ୍ଠକାଠିନ୍ୟ ହେବାର ଦେଖାଯାଏ । ଆଖୁ ଚୁଷିବା ଦାନ୍ତ ମଜବୁତ ହୋଇଥାଏ ।

ଯେଉଁ ଲୋକ ଆଖୁକୁ ଚୋପା ଛଡାଇ ଖାଇପାରିବେ ନାହିଁ ସେମାନେ ତାର ରସ ଆବଶ୍ୟ ପିଅନ୍ତୁ । ଆଖୁ ରସ ଦାନ୍ତ ବ୍ରତୀତ ଶରୀରର ସାଧାରଣ ସ୍ୱାସ୍ଥ୍ୟ ଉପରେ ମଧ୍ୟ ବହୁତ ପ୍ରଭାବ ପକାଇଥାଏ ।

ଆଖୁ ରସ ଶରୀରର ପୋଷଣ ଏବ ଉର୍ଜ୍ଜା ପାଇଁ ଯେତିକି ଲାଭପ୍ରଦ ଅଟେ, ଚିନି ଏବଂ ଗୁଡ ତାର ମୁକାବିଲା କରିପାରିବେ ନାହିଁ ।

ଆଖୁରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ ଥିବାରୁ ଦାନ୍ତ ଓ ହାଡ ମଜବୁତ ହୋଇଥାଏ । ଆଖୁରେ ଭିଟାମିନ ଏ ପ୍ରଚୁର ମାତ୍ରାରେ ଥିବାରୁ ଏହା ଦୃଷ୍ଟି ପାଇଁ ଲାଭପ୍ରଦ ଅଟେ । ଆଖୁରେ ଲୌହ ତତ୍ତ୍ୱ ଥିବାରୁ ରକ୍ତରେ ହିମୋଗ୍ଲୋବିନକୁ ବଢ଼ାଇଥାଏ । ମୁଣ୍ଡ ବୁଲାଉଥିଲେ ଆଖୁ ରସ ପିଅନ୍ତୁ । ଆଖୁ ରସ ସେବନ କଲେ ବୃକକ କ୍ରିୟାଶୀଳ ହେବା ସଂଗେ ସଂଗେ ମୂତ୍ର ସମ୍ବନ୍ଧୀୟ ରୋଗରେ ଉଚିତ । ସେଥିରେ ବରଫ ବ୍ୟବହାର କରନ୍ତୁ ନାହିଁ । ଯେଉଁ ପାତ୍ରରେ ରସ ବାହାର କରାଯାଏ ତାର ଚାରିପଟେ ସଫା କପଡା ଗୁଡା ହୋଇଥିବା ଆବଶ୍ୟକ ଅଟେ ।

# ହୃଦ୍‌ଘାତ ଆଶଙ୍କା କମାଏ ତାଜା ଫଳ



ତାଜା ଫଳରୁ ମିଳେ ପଟାସିଅମ, ଫାଇବର ଓ ଏଣ୍ଟିଅକ୍ସିଡାଣ୍ଟ। ଏଥିରେ ଚର୍ବି, କାଲୋରି ଓ ସୋଡ଼ିଅମ ମାତ୍ରା ସ୍ୱଳ୍ପ। ତାଜା ଫଳ ଶରୀରର ରକ୍ତ ଶର୍କରା ମାତ୍ରା ନିୟନ୍ତ୍ରଣରେ ରଖିବାକୁ ସମର୍ଥ, ମେଦ ବୃଦ୍ଧି ହେବାକୁ ଦିଏନାହିଁ। ପ୍ରତିଦିନ ଶହେଗ୍ରାମ ତାଜାଫଳ ଖାଇବା ଦ୍ୱାରା ହୃଦଘାତ ଓ ହୃଦରୋଗଜନିତ ମୃତ୍ୟୁ ଆଶଙ୍କା ଏକ ତୃତୀୟାଂଶ କମିଥାଏ। ଚାଇନାର ପ୍ରାୟ ପାଞ୍ଚଲକ୍ଷ ପୁରୁଷ ମହିଳାଙ୍କ ଉପରେ ସାତ ବର୍ଷ ଅଧ୍ୟୟନ କରି ଅକ୍ସଫୋର୍ଡ଼ର ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ନିୟମିତ ଫଳ ଖାଇଲେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବାସହ ମସ୍ତିଷ୍କଘାତ ଆଶଙ୍କା ମଧ ହ୍ରାସ ପାଏ।

# ଧଳାସୁନା ଚାଷରୁ ମୁହଁ ଫେରାଉଛନ୍ତି: ପ୍ରୋତ୍ସାହନ ଅଭାବ, କମିଲାଣି କପା ଚାଷ



ପାଇକସାହି, ୯/୧ (ନି.ପ୍ର): ରାଜ୍ୟ କୃଷି ବିଭାଗର ତଥ୍ୟ କହୁଛି, ଗଲା ୧୦ବର୍ଷରେ ଓଡ଼ିଶାରେ ୧୩୫.୬୯ ପ୍ରତିଶତ କପା ଉତ୍ପାଦନ ବଢ଼ିଛି। ଯାହା ଧାନ, ମାଣ୍ଡିଆ, ଡାଲି ଜାତୀୟ କିମ୍ବା ଯେକୌଣସି ପରିବାଠାରୁ ମଧ୍ୟ ଅଧିକ। କିନ୍ତୁ ଅନୁଗୁଳ ଜିଲ୍ଲାରେ କପାଚାଷର ପେଣ୍ଠସ୍ଥଳୀ ଭାବେ ଜଣାଶୁଣା ଆଠମଲ୍ଲିକ ବ୍ଲକ୍‌ରେ ଗଲା କିଛିବର୍ଷ ଭିତରେ କପା ଚାଷ ପ୍ରାୟ ଅଧା କମି ଯାଇଛି। ପୂର୍ବରୁ ପ୍ରାୟ ୬୦ ହେକ୍ଟର ଜମିରେ କପାଚାଷ ହେଉଥିବା ବେଳେ ଏବେ ପ୍ରାୟ ୪୦ ହେକ୍ଟର ଜମିରେ କପା ଚାଷ କରୁଛନ୍ତି ଚାଷୀ। ସରକାରୀ ପ୍ରୋତ୍ସାହନର ଅଭାବ ଓ ଅନ୍ୟାନ୍ୟ କାରଣରୁ ଚାଷୀ ଏହି ଲାଭଜନକ ଧଳାସୁନା ଚାଷରୁ ମୁହଁ ଫେରାଉଥିବା ଅଭିଯୋଗ ହୋଇଛି। ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍‌ର ପାଇକସାହି, ଟାପଡୋଳ ଓ କନ୍ତପଡ଼ା ପଞ୍ଚାୟତରେ ମୁଖ୍ୟତଃ କପା ଚାଷ ବହୁଳ ଭାବେ ହୋଇଥାଏ। କିନ୍ତୁ ଗତ ୧୦ବର୍ଷ ଭିତରେ ଏଠାରେ ଜଳସେଚନର ବିଶେଷ ସୁବିଧା କରାଯାଇ ନାହିଁ। କପାଚାଷ ପାଇଁ ଜଳସେଚନର ଆବଶ୍ୟକତା ରହୁଥିବାରୁ ଚାଷୀ କ୍ଷତି ସହିଲେ। ଖାଲି ସେତିକ ନୁହେଁ, ଉତ୍ସାହଜନକ ଭାବେ ବର୍ଷା ନ ହେବା କାରଣରୁ ନାଳ, ପୋଖରୀ ଉପରେ ଚାଷୀ ଭରସା କରିଥିଲେ। କିନ୍ତୁ ତାହା ଆବଶ୍ୟକ ମୁତାବକ ପାଣି ଯୋଗାଇ ପାରିଲାନାହିଁ। କମ୍ ବର୍ଷା ପାଇଁ ଉତ୍ପାଦନ ମଧ୍ୟ କମୁଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡୁଛି। ଅଧିକାଂଶ କପାଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହୋଇଥିବାରୁ ଆବଶ୍ୟକ ପୁଞ୍ଜି ନିବେଶ କରି ଉତ୍ପାଦନରେ ବୃଦ୍ଧି ଘଟାଇବା ସମ୍ଭବପର ନୁହେଁ। ଆଗରୁ ପ୍ରାୟ ସବୁ ଗାଁରେ କିଛି କିଛି ପରିମାଣରେ କପା ଚାଷ ହେଉଥିଲା। କିନ୍ତୁ ଗତ ୧୦ବର୍ଷ ଭିତରେ କପାଚାଷ ଅଧା କମି ଯାଇଥିବା ଚାଷୀ କହିଛନ୍ତି। ସରକାରୀ ପ୍ରୋତ୍ସାହନ ଭାବେ ନା ଭଲ ବିହନ ମିଳି ପାରୁଛି, ନା ଉତ୍ପାଦିତ କପାକୁ ବିକ୍ରି ପାଇଁ ବ୍ୟବସ୍ଥା ରହିଛି। ଯାହାଦ୍ୱାରା ଚାଷୀ ଶୋଷଣର ଶିକାର ହେଉଛି। ପାଇକସାହି ଗାଁର କପାଚାଷୀ ହାଡ଼ିବନ୍ଧୁ ନାୟକ କୁହନ୍ତି, କୃଷି ବିଭାଗ ତରଫରୁ ସେମାନଙ୍କୁ ବିହନ ମିଳୁନାହିଁ କି ସେମାନଙ୍କ ମାଟି ପରୀକ୍ଷା ବି କରାଯାଉନି। ଜଳସେଚନ କି ଭୂତଳ ନଳକୂଅର ସୁବିଧା ନ ଥିବାବେଳେ ପୋଖରୀ ଓ ଅନ୍ୟ ଜଳ ଉତ୍ସ ଶୁଖିଗଲା। ଜମି ଶୁଖିଲା ପଡ଼ିଲା ପଛେ କେନାଲରେ ପାଣି ଆସିଲାନି। ତେଣୁ ଏଥର ଅମଳ ଭଲ ହୋଇନାହିଁ। ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁଁ ପୂର୍ବରୁ ୩ ଏକରରେ କପା ଚାଷ କରୁଥିବା ହାଡ଼ିବନ୍ଧୁ ଏଥର ୨ଏକରରେ ଚାଷ କରିଥିଲେ। କିନ୍ତୁ ଆରଥରକୁ ଆଉ ଚାଷ କରିବେ କି ନାହିଁ ଭାବି ପାରୁନାହାନ୍ତି ବୋଲି କ୍ଷୋଭର ସହ କହିଛନ୍ତି। ଏସିଆର ଉନ୍ନତମାନର କପା ମଧ୍ୟରେ ଓଡ଼ିଶାର କପାକୁ ସାମିଲ କରାଯାଏ। ଗତ ୨୦୧୪ ମସିହାରେ କପା ନିଗମ ସଂଗ୍ରହ କରିଥିବା ଗାଣ୍ଡିରୁ ୩୫% ଓଡ଼ିଶାର ଥିଲା। ବଲାଙ୍ଗୀର ଓ କଳାହାଣ୍ଡି ମଣ୍ଡିକୁ ସମବାୟ ବିଭାଗ ପକ୍ଷରୁ ଜାତୀୟ ମଣ୍ଡିର ମାନ୍ୟତା ମିଳିଛି। କିନ୍ତୁ ଆଠମଲ୍ଲିକ ବ୍ଲକ୍‌ରେ ବିଭାଗ ପକ୍ଷରୁ ଗୋଟିଏ ବି କପା ମଣ୍ଡି ନାହିଁ। ଫଳରେ ବଲାଙ୍ଗୀର ଓ ଭବାନୀପାଟଣା ଅଞ୍ଚଳରୁ କଣ୍ଟ୍ରାକ୍ଟର ଆସି ଶାଗମାଛ ଦରରେ ଚାଷୀ ପାଖରୁ କପା କିଣି ନେଉଛି। କପାର ଏମ୍‌ଏସ୍‌ପି କେତେ ବି ଚାଷୀ ଜାଣି ପାରୁନି। ଗତବର୍ଷ କିଲୋ ପିଛା ଦର ୭୫ଟଙ୍କା ଥିବାବେଳେ ଏଥର କେତେ ଟଙ୍କାରେ ସରକାର କିଣୁଛନ୍ତି ଚାଷୀ ଜାଣି ନଥିବା କହିଛନ୍ତି। ତେବେ ଦଲାଲ୍ କପାଦର କମ୍ ଥିବା କହି କିଲୋ ପିଛା ୫୫ରୁ ୬୦ ଟଙ୍କା ଭିତରେ କିଣୁଥିବା ସ୍ଥାନୀୟ ଅଞ୍ଚଳର ଚାଷୀ କହିଛନ୍ତି। କୃଷି କିମ୍ବା ସମବାୟ ବିଭାଗ ପକ୍ଷରୁ ଏଥିପ୍ରତି ନଜର ଦିଆଯାଉ ନଥିବାରୁ ଦଲାଲ୍ ସକ୍ରିୟ ହେଉଛନ୍ତି। ଏ ସମ୍ପର୍କରେ କୃଷି ଜିଲ୍ଲା ଅଧିକାରୀ ବିଷ୍ଣୁପ୍ରସାଦ କରଙ୍କୁ ପଚାରିବାରେ, ସରକାରୀ ମଣ୍ଡି ଖୋଲୁ ନଥିବାରୁ ଚାଷୀ ଶୋଷଣର ଶିକାର ହେଉଥିବାକୁ ଅଭିଯୋଗକୁ ସ୍ୱୀକାର କରିଛନ୍ତି।

# ସିକିମ ସତ୍ତ୍ୱ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୯/୧ (ନି.ପ୍ର): ସିକିମ ସତ୍ୱ ଜମି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତି ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ରତୁରାଜ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜସ୍ୱ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲାର ୧୦,୧୫୦ ସିକିମ ସତ୍ୱ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ସମସ୍ତ ତହସିଲ୍‌ଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକମାନଙ୍କୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ ଅନୁସାରେ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ରହିଥିଲା। ମାତ୍ର ଏହି ସମୟ ଅବଧି ମଧ୍ୟରେ ଜିଲ୍ଲାର ସମସ୍ତ ସିକିମ ଚାଷୀ ଆବେଦନ କରପାରି ନଥିଲେ। ଫଳରେ ସିକିମଭାବେ ରେକର୍ଡ଼ଭୁକ୍ତ ହୋଇଥିବା ଜମିକୁ ଜବରଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ ରୟତ ଅଥବା ସେମାନଙ୍କ ଉତରାଧିକାରୀଙ୍କୁ ସେହି ଜମି ଉପରେ ରୟତି ଅଧିକାର ମିଳିପାରି ନଥିଲା। ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ର ଆବଶ୍ୟକୀୟ ସଂଶୋଧନ ପରେ ଏବେ ଯେଉଁମାନେ ସିକିମ୍ ଜମିକୁ ଚାଷ ବା ବାସଗୃହ ଭାବେ ବ୍ୟବହାର କରୁଛନ୍ତି, ସେହି ଜମିର ରୟତି ଅଧିକାର ପାଇବା ପାଇଁ ରାଜସ୍ୱ ଅଧିକାରୀଙ୍କ ନିକଟରେ ସଂପୃକ୍ତ ଚାଷୀମାନେ ଆବେଦନ କରିପାରିବେ। ତହସିଲଦାରମାନେ ମଧ୍ୟ ସ୍ୱତଃପୂର୍ତ ଭାବେ ସିକିମଭାବେ ରେକର୍ଡ଼ ହୋଇଥିବା ଜମିକୁ ଦଖଲ କରୁଥିବା ଉପ-ରୟତ କିମ୍ବା ଅଧସ୍ତନ ରୟତ ଅଥବା ସେମାନଙ୍କ ଉତରାଧିକାରୀଙ୍କୁ ସେହି ଜମି ଉପରେ ରୟତି ଅଧିକାର ଦେବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏହି କ୍ରମରେ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକମାନଙ୍କ ସହ ବୈଠକ କରି ସମସ୍ତ ସିକିମ ଖାତାଗୁଡ଼ିକୁ ଓଏଲ୍‌ଆର୍ ଆକ୍ଟ ଅନୁସାରେ ତିନିଦିନ ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ଶେଷ ସୁଦ୍ଧା ସମସ୍ତ କେସ୍ ଫଇସଲା କରିବାକୁ ସେ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର(ରେଭେନ୍ୟୁ) କୁଇନି ଜେନା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାଜସ୍ୱ ଅଧିକାରୀମାନେ ଆଦେଶନାମା ଜାରି କରିବାବେଳେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅର୍ଥରାଶି ଅନୁସାରେ କ୍ଷତିପୂରଣ ସ୍ଥିର କରିବେ। ସିକିମ୍ ଜମି ଉପରେ ଉପ-ରୟତ କିମ୍ବା ଅଧସ୍ତନ ରୟତ କିମ୍ବା ସେମାନଙ୍କ ଉତରାଧିକାରୀମାନେ ରୟତ ଭାବେ ଘୋଷିତ ହେବା ପରେ ସେମାନଙ୍କୁ ସେହି ଜମି ଉପରେ ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ମିଳିବ।

# ଓଡ଼ିଶୀ ନୃତ୍ୟକୁ ବିଶ୍ୱବିଦିତ କରିଥିଲେ ଗୁରୁ କେଳୁଚରଣ ମହାପାତ୍ର

ଭୁବନେଶ୍ୱର, ୯/୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ସହଯୋଗରେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୮ତମ ଜୟନ୍ତୀ ସୋମବାର ପ୍ରତ୍ୟୁଷରେ ଭୁବନେଶ୍ୱର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡକ୍ଟର ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗୁରୁ କେଶବ ଚନ୍ଦ୍ର ରାଉତ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ମାନବେନ୍ଦ୍ର ମିଶ୍ର, ଗିରିଜା ଶଙ୍କର ମହାପାତ୍ର ବିଜୟ ସାହୁ, ଅକ୍ଷୟ ଜେଠୀଙ୍କ ସମେତ ଉଇ ଫର ଭୁବନେଶ୍ୱର, ଜୟ ଓଡ଼ିଶା କର୍ମକର୍ତାମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଗୁରୁ କେଳୁଚରଣଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ରଘୁରାଜପୁର ଗ୍ରାମରେ ଏକ ଦରିଦ୍ର ପରିବାରରେ ଜନ୍ମିତ ଗୁରୁଜୀ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ରାସ ଦଳରେ ଯୋଗଦେଇ ପ୍ରାଥମିକ ନୃତ୍ୟ ଶିକ୍ଷା କରିବା ସହ ପରବର୍ତୀ ଅବସ୍ଥାରେ ଗୋଟିପୁଅ ନୃତ୍ୟକୁ ବିକଶିତ କରିବା ସଂଗେସଂଗେ ଗୁରୁ ପଙ୍କଜ ଚରଣ ଦାସଙ୍କ ଦ୍ୱାରା ପ୍ରଶିକ୍ଷିତ ହୋଇ ଓଡ଼ିଶୀ ନୃତ୍ୟଶିକ୍ଷା କରି ଏହାକୁ ନୂତନ ଶୈଳୀରେ ପରିବେଷଣ କରିବା ସଂଗେସଂଗେ ବହୁ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ କରିଥିଲେ। ଓଡ଼ିଶୀ ନୃତ୍ୟକୁ ଦେଶ ବିଦେଶରେ ପରିବେଷଣ କରି ତାହାକୁ ବିଶ୍ୱ ଜନସମୁଦାୟଙ୍କ ନିକଟରେ ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତାଙ୍କର କଳା, ସଂସ୍କୃତି ଓ ନୃତ୍ୟ ବିକାଶ କ୍ଷେତ୍ରରେ ଅବଦାନ ଅତୁଳନୀୟ ବୋଲି ମତଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ ଓ ଗୁରୁ କେଶବ ଚନ୍ଦ୍ର ରାଉତଙ୍କୁ ସମ୍ମାନିତ କରାଯାଇଥିଲା।

## ଜୟପୁରରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

ଜୟପୁର, ୯/୧ (ନି.ପ୍ର): ଜୟପୁର ସହରରେ ଜୟ ଜଗନ୍ନାଥ ଅର୍ପଣ ରଥ । ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ । ଏହି ଅବସରରେ ଆଜି ଠାରୁ ୧୪ ତାରିଖ ମଧ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ଜୟପୁର ସହରର ସମସ୍ତ ଓାର୍ଡ, ସାହି ପରିକ୍ରମା କରୁଛି । ଆଜି ପ୍ରଥମେ ଜୟପୁର ଜଗନ୍ନାଥ ମନ୍ଦିରରେ ପୂଜା ପାଠ କରାଯାଇଥିଲା । ପରେ ମା ଭଗବତୀ ଓ ବଲ୍ଲଭ ନାରାୟଣ ଙ୍କୁ ପୂଜା କରାଯାଇଥିଲା । ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୁଇଟି ରଥ ରଖାଯାଇ ଥିଲା । ପୂଜା ପାଠ କରାଯାଇ ପରିକ୍ରମା ଆରମ୍ଭ କରାଯାଇଥିଲା । ଜୟପୁର ପୌରପାଳିକା ଦ୍ୱାରା ସବୁ ବ୍ୟବସ୍ଥା କରାଯାଇଥିଲା ।

# ବିଜ୍ଞାପନ ଓ ଭାଷଣରେ ମାଗଣା, ମାତ୍ର ଯୋଜନାରେ ମଗାଯାଉଛି ଟଙ୍କା

ସମ୍ବଲପୁର, ୯/୧ (ନି.ପ୍ର): ଗରିବ ପରିବାରଙ୍କୁ ପକ୍କା ଘର ଖଣ୍ଡିଏ ଯୋଗେଇ ଦେବା ପାଇଁ କେନ୍ଦ୍ର ର ମୋଦୀ ସରକାର ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା । କିନ୍ତୁ, ସେଥି ପାଇଁ ଆବଶ୍ୟକ ସ୍ଥାୟୀ ପଟ୍ଟା ଥିବା ଜମି ଖଣ୍ଡିଏ ମଧ୍ୟ ଅନେକ ଗରିବ ପରିବାର ପାଖରେ ନାହିଁ । ତେଣୁ, ବିଗତ୍ ଦିନରେ ବିଜେପି ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇ ଗରୀବ ଭୂମିହୀନ ଙ୍କୁ ସ୍ଥାୟୀ ପଟ୍ଟା ପ୍ରଦନ କରିବା ପାଇଁ ଦାବୀ ହୋଇ ଆସିଛି । ଏହା ପରେ ଭୂମିହୀନ ପରିବାର ଙ୍କୁ ମାଗଣା ରେ ଜମି ଖଣ୍ଡିଏ ଯୋଗେଇ ଦେବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିଲେ ଜାଗା ମିଶନ । ରାଜ୍ୟ ସାରା ଲାଗିଲା ବଡ ବଡ ବିଜ୍ଞାପନ ର ହୋଡିଂ, ଖବରକାଗଜମାନଙ୍କରେ ଦିଆଗଲା କୋଟି କୋଟି ଟଙ୍କା ର ବିଜ୍ଞାପନ । ବିଭିନ୍ନ ବସ୍ତି ଅଂଚଳ ରେ ଉଷା ଯୋଜନା ରେ କରାଗଲା ସର୍ବେକ୍ଷଣ । କିନ୍ତୁ, ବର୍ତ୍ତମାନ ହିତାଧିକାରୀ ଙ୍କୁ ଏଲ୍.ଆ.ସି ପ୍ରଦାନ ପାଇଁ ମଗାଯାଉଛି ପ୍ରିମିୟମ । ସର୍ବେକ୍ଷଣ ରେ ଯୋଗ୍ୟ ବିବେଚିତ ହୋଇଥିବା ପରିବାର ଙ୍କୁ ମିଳିବ ୩୦ ବର୍ଗ ମିଟର ଜାଗା । ଯଦି କେହି ତଦୁର୍ଦ୍ଧ କିଛି ଜାଗା ଅକ୍ତିଆର ରେ ରଖିଥିବେ ତାହେଲେ ତାଙ୍କୁ ଆଉ ଅତିରିକ୍ତ ୧୫ ବର୍ଗ ମିଟର ଜାଗା ପ୍ରଦାନ୍ କରାଯିବ । କିନ୍ତୁ, ସେଇ ଅତିରିକ୍ତ ଜାଗା ପାଇଁ ହିତାଧିକାରୀ ଙ୍କୁ ଦେବାକୁ ପଡ଼ିବ ପାଉଣା । ଜମି ର ସରକାରି ମୂଲ୍ୟ ବା ବେଂଚ ମାର୍କ ଭେଲ୍ୟୁ ଉପରେ ଆର୍ଥିକ ଭାବେ ପଛୁଆ ବର୍ଗ ର ପରିବାର ଙ୍କୁ ୫% ଓ ଅନ୍ୟ ମାନଙ୍କୁ ୧୦% ହିସାବ ରେ ପାଉଣା ଦଖଲ କରିବାକୁ ପଡ଼ିବ । ଏହି ବ୍ୟବସ୍ଥାକୁ ଆଜି ସମ୍ବଲପୁର ବିଜେପି ପକ୍ଷରୁ ବିରୋଧ କରାଯାଇଛି । ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ବିଜେପି ର ଏକ ପ୍ରତନିଧି ଦଳ ପହଂଚି ଥିଲେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ । ପୌରାୟୁକ୍ତ ବିଦୁଭୂଷଣ ଭୋଇ ଙ୍କ ଅନୁପସ୍ଥିତି ରେ ଅତିରିକ୍ତ ପୌରାୟୁକ୍ତ ସରୋଜିନୀ ପ୍ରସନ୍ କୁଲୁ ଙ୍କୁ ସାକ୍ଷାତ୍ କରି ନିଜର ଆପତ୍ତି ଅଭିଯୋଗ କରିଥିଲା । ବିଜେପି ପକ୍ଷରୁ ଦାବି କରଯାଇଛି ଯେ, ହିତାଧିକାରୀ ମାନଙ୍କୁ ସମ୍ପୂର୍ଣ୍ଣ ମାଗଣା ରେ ଏଲ୍.ଆ.ସି ପ୍ରଦାନ୍ କରାଯାଉ । ଯେଉଁ ମାନେ ଚାରି ପାଂଚ ଦଶନ୍ଧି ରୁ ସରକାରି ଜମି ରେ ଘର କରି ରହିଛନ୍ତି ତାଙ୍କୁ ଜମି ର ଆକାର ଓ ପ୍ରକାର ରେ କୋହଳ କରିବାର ବ୍ୟବସ୍ଥା କରାଯାଉ । ଏଲ.ଆ.ସି ବଦଳ ରେ ସ୍ଥାୟୀ ପଟ୍ଟା ପ୍ରଦନ କରାଯାଉ । ଆଜିର କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅନିଲ ବେହେରା, ଦାମୋଦର କର, ଶିବ କୁମାର୍ ଅଗ୍ରୱାଲ, ସମିର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ବିଷ୍ଣୁ ରକ୍ଷୀତ୍, ଜୟନ୍ତ ଦାସ, ଫଣି ଭୂଷଣ ମିଶ୍ର, ଶମ୍ଭୁ ବରେଲିଆ, ମନୋଜ ସ୍ୱାଇଁ, ସଞ୍ଜୟ ଷଡ଼ଙ୍ଗୀ, ଦିଲୀପ ଚୋବେ, ଦିଲୀପ ଶର୍ମା, ଅନିଲ ସୁନା, କିଶୋର ମେହେର, ପ୍ରଦିପ କୁମାର ବେହେରା, ନାରାୟଣ ପଣ୍ଡା, ରାଜୀବ ସାହୁ, ମୁନ୍ନା ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଜାଗା ମିଶନ ନାଁରେ ବିଜ୍ଞାପନ ଭାଷଣ ରେ ଅଛି ମାଗଣା, ଏଲ୍.ଆ.ସି ଦେଲା ବେଳେ ମାଗୁଛ ପାଉଣା ନେଇ କେତେକ ବିଜେପି କର୍ମୀଙ୍କ ପକ୍ଷରୁ ଆକ୍ଷେପ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା।

# ଭାରତୀୟ କିଶାନ ସଂଘର ଜିଲ୍ଲାସ୍ତରୀୟ ସଦସ୍ୟତା ଅଭିଯାନର ପ୍ରାରମ୍ଭିକ ବୈଠକ

ବଲାଙ୍ଗୀର, ୯/୧ (ନି.ପ୍ର): ଭାରତୀୟ କିଶାନ ସଂଘର ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସଭାପତି ଶଶିଭୂଷଣ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି । ତହିଁରେ ପୂର୍ବତନ ରାଜ୍ୟ ସଭାପତି ତଥା ବର୍ତ୍ତମାନର କାର୍ଯ୍ୟକାରୀ ସଦସ୍ୟ ରାଧାକୃଷ୍ଣ ମେହେର, କ୍ଷେତ୍ର ସଂଗଠନ ଅଧିକାରୀ ଶ୍ରୀନିବାସ ଜୀ ଓ ପ୍ରଦୀପ କୁମାର ମହନ୍ତ ରାଜ୍ୟ ଉପ-ସଭାପତି ମାର୍ଗଦର୍ଶକ ଭାବରେ ଯୋଗ ଦେଇଥିଲେ । ଆଗାମୀ ଦିନରେ ସଦସ୍ୟତା ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକରଣ କରାଯାଇଥିଲା । ଜିଲ୍ଲା ତଥା ବ୍ଲକ ସ୍ତରରେ ସଦସ୍ୟତା ପାଇଁ ସଂଯୋଜକମାନ ସ୍ଥିର କରାଯାଇ ଭାରତୀୟ କିଶାନ ସଂଘର ପରିଚୟ ଓ ତହିଁରେ ସଦସ୍ୟତାର ଆବଶ୍ୟକତା ଉପରେ ଆଲୋଚନା ରେ ଭାଗ ନେଇ ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲାରେ ସଦସ୍ୟତାରେ ପ୍ରମୁଖ ଭୂମିକା ନେବା ପାଇଁ ସମସ୍ତେ ମତ ପ୍ରକାଶିତ କରିଥିଲେ । ବୈଠକରେ ମୋହନ ନାଏକ, ବୈଦ୍ୟନାଥ କରନ, ଭାଗରଥି ଯୁଏଡ, ବିଷ୍ଣୁ ବାଗ, ଦିଲିପ ଠାକୁର, ଜିଲ୍ଲା ଉପ-ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୋନପୁର ଜିଲ୍ଲା ସଭାପତି ବିରଂଚି ମେହେର ଓ କଳାହାଣ୍ଡି ଜିଲ୍ଲାର ବିପିନ ବିହାରୀ ଭୋଇ ଉକ୍ତ ବୈଠକରେ ଯୋଗ ଦେଇ ସଦସ୍ୟତା ଅଭିଯାନ ପାଇଁ ଉତ୍ସାହିତ ହେଲେ ଏବଂ ତାଙ୍କ ଜିଲ୍ଲା ପାଇଁ ସଦସ୍ୟତା ଲକ୍ଷ୍ୟ ପ୍ରକାଶ କରିଥିଲେ । ବଲାଙ୍ଗିର ଜିଲ୍ଲାରେ ସଦସ୍ୟତା ଅଭିଯାନ ପାଇଁ ମୋହନ ନାଏକ ଙ୍କୁ ଜିଲ୍ଲା ସଂଯୋଜକ ଓ ବୈଦ୍ୟନାଥ କରନ କୁ ସହ-ସଂଯୋଜକ ଭାବରେ ଦାୟିତ୍ୱ ସ୍ଥିର କରାହେଲା । ଏମଧ୍ୟରେ ବିଭିନ୍ନ ବ୍ଲକ ସ୍ତରରେ ଭାରତୀୟ କିଶାନ ସଂଘ ତରଫରୁ ଦେଇଥିବା ଫର୍ମେଟ ଅନୁସାରେ ପ୍ରଣୟନ କରି ଜିଲ୍ଲା ତଥା ପ୍ରାଦେଶିକ ସ୍ତରକୁ ସଦସ୍ୟତା ସମ୍ବନ୍ଧରେ ଉଚିତ ପଦକ୍ଷେପ ନେଇ ସମସ୍ତଙ୍କୁ ଜଣାଇବା ପାଇଁ ସିଦ୍ଧାନ୍ତ ହେଲା । ଶେଷରେ ଜିଲ୍ଲା ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ମହୁଲପାଲିରେ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ କେନ୍ଦ୍ରମନ୍ତ୍ରୀ

ବାମରା/ସମ୍ବଲପୁର/ଭୁବନେଶ୍ୱର, ୯/୧ (ନି.ପ୍ର): ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଲୋକଙ୍କ ପାଇଁ ସବୁ ପ୍ରକାର ସୁବିଧା କରିଥିବା ବେଳେ ରାଜ୍ୟ ସରକାର ପର ଘର ତିଅଣରେ ଅତିଥି ସତ୍କାର କରି ଚଂଚକତା କରିବାରେ ଧୂରନ୍ଧର ବୋଲି ସୋମବାର ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ମହୁଲପାଲିରେ 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ୨୦୨୯ ମସିହା ପର୍ଯ୍ୟନ୍ତ ଓଡ଼ିଶାର ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କୁ ମାଗଣା ଚାଉଳ ଦେବା ପାଇଁ ନିଷ୍ପତି ନେବା ପରେ ବି ରାଜ୍ୟ ସରକାର ନିଜସ୍ୱ ଯୋଜନା ନାଁରେ ମିଛ ପ୍ରଚାର କରୁଛନ୍ତି । ଗଣତନ୍ତ୍ରରେ ଏଭଳି ଚଂଚକତା ନିନ୍ଦନୀୟ । ଓଡ଼ିଶା ସରକାର ପ୍ରଚାର ସର୍ବସ୍ୱ ସରକାର । ସମ୍ବଲପୁରର କୁଚିଣ୍ଡା, ବାମରା, ମହୁଲପାଲି, କେଶାଇ ବାହାଲ, କୁନ୍ତରା, ଜମନକିରା, ଗଡପୋଷ, ଫାଶିମାଲ, କୁଲୁଣ୍ଡି ଓ ନିକ୍ତିମାଲ ଭଳି ଗ୍ରାମାଂଚଳରେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପଦବୀ ଅନୁସାରେ ଡାକ୍ତର ନାହାନ୍ତି । ଦେଶରେ ଆୟୁଷ୍ମାନ ଯୋଜନା ମାଧ୍ୟମରେ ମାଗଣାରେ ସ୍ୱାସ୍ଥ୍ୟସେବା ମିଳୁଥିବା ବେଳେ ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା ଲାଗୁ କରୁନାହାନ୍ତି । ଲୋକଙ୍କ ଟିକସ ପଇସାରେ ରାଜ୍ୟ ରାଜକୋଷକୁ ଆସୁଥିବା ଅର୍ଥର ଖର୍ଚ୍ଚ କରି କେବଳ ମିଛ ବିଜ୍ଞାପନ ଓ ବଡ ବଡ ହୋର୍ଡିଂରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ସୀମିତ ରହିଛି। ଜଳ ଜୀବନ ମିଶନରେ ସମ୍ବଲପୁର ଜିଲ୍ଲାରେ ମୋଟ ୧,୬୪,୫୭୪ ପରିବାର ମଧ୍ୟରୁ ୭୦,୬୧୦ ପରିବାରକୁ ଟ୍ୟାପ ଜଳ ସଂଯୋଗ ଦିଆଯାଇଛି। ପ୍ରତି ଘରକୁ ପାଇପ ଯୋଗେ ପାଣି ଦେବା ପାଇଁ ଅର୍ଥର ବ୍ୟବସ୍ଥା କରିବା ପରେ ବି ଗାଁରେ ପାଣି ଆସୁନି। ପଇସା ଠିକାଦାର ପକେଟକୁ ଯାଉଛି, ଏହା କଣ ଲମ୍ବା ଶାସନର ରୂପାନ୍ତରଣ କି? ମୋଦି ସରକାର ପିଏମ ଆବାସ ଯୋଜନାରେ ଗରିବଙ୍କ ପାଇଁ ପକ୍କା ଘର ପଠାଉଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳୁନଥିବା ସିଏଜି ରିପୋର୍ଟରେ ପ୍ରକାଶ ପାଇଛି । ୨୪ ବର୍ଷ ଶାସନରେ ରହିବା ପରେ ବି ଓବିସି ମାନଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସମ୍ବିଧାନ ଅନୁମୋଦିତ ଅଧିକାର ଦେଉନାହାନ୍ତି । ଲାଗୁ କଲେ କାଳେ, ମୋଦିଙ୍କ ଡବଲ ଇଞ୍ଜିନ କାଳେ ଲାଗିଯିବ, ଏଥିପାଇଁ ରାଜ୍ୟ ସରକାର ଭୟଭୀତ। ଲମ୍ବା ସମୟର ଶାସନରେ ମୌଳିକ ସୁବିଧା ଆଜି ବି ଲୋକଙ୍କ ପାଖରେ ଅପହଂଚ। ମୋଦି ସରକାର ଓଡ଼ିଶାକୁ ୧୮ ଲକ୍ଷ କୋଟି ଟଙ୍କା ଦେଇଛନ୍ତି। କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଲୋକଙ୍କୁ ମୋଦି ଗ୍ୟାରେଂଟି ଦେବାକୁ ହିଁ ପଡ଼ିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ଦେଶରେ ନିଜକୁ ଏକ ଆସ୍ଥାର କେନ୍ଦ୍ର ଭାବରେ ସ୍ଥାପିତ କରିପାରିଛନ୍ତି । ଆଜି ମୋଦିଙ୍କ ଗ୍ୟାରେଣ୍ଟିରେ ଦେଶ ଆଗକୁ ବଢୁଥିବା ବେଳେ ଗରିବ, ମହିଳା, ଚାଷୀ, ବଞ୍ଚିତ, ଓ ଯୁବକମାନେ ସଶକ୍ତ ଓ ଆତ୍ମନିର୍ଭର ହେଉଛନ୍ତି । ସମସ୍ତଙ୍କୁ ପକ୍କା ଘର, ପାଇପ ଯୋଗେ ପାନୀୟ ଜଳ, ରୋଷେଇ ଗ୍ୟାସ, ମାଗଣା ଚାଉଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସହ ମହିଳାମାନଙ୍କୁ ଲକ୍ଷପତି ବନାଇବାର ସ୍ୱପ୍ନ ପୂରଣ କରାଯାଉଛି । ଗାଁ ଗାଁରେ ରକ୍ତ ପରୀକ୍ଷା, ସିକିଲ ସେଲ୍ ପରୀକ୍ଷା ଏବଂ ଡାଇବେଟିସ ପରୀକ୍ଷା କରାଯିବା ସହ ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଭଳି ସୁବିଧା ମୋଦି ସରକାର କରିଛନ୍ତି । ମୋଦିଙ୍କ ବିକାଶ ଗ୍ୟାରେଣ୍ଟିକୁ ଲୋକମାନେ ଭରସା କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ବିକଶିତ ଭାରତ ଦିଗରେ ଅଗ୍ରସର ହେଉଥିବା ବେଳେ ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଆମ ମାନଙ୍କର ଯୋଗଦାନ ଜରୁରୀ ।

# ରାଇରଙ୍ଗପୁର ସହରରେ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ

ରାଇରଙ୍ଗପୁର, ୯/୧ (ନି.ପ୍ର): ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆମ ଓଡିଶା ଓ ନବୀନ ଓଡିଶା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥକୁ ରାଇରଙ୍ଗପୁର ପୌରପାଳିକାର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଓ ମୋରଡା ବିଧାୟକ ରାଜକିଶୋର ପଟ୍ଟନାୟକ ମହାପ୍ରଭୁଙ୍କୁ ଅରୁଆ ଚାଉଳ ଓ ଗୁଆ ଅର୍ପଣ ପୂର୍ବକ ସଂକୀର୍ତନ ସହ ଜୟ ଜଗନ୍ନାଥ ଧ୍ୱନିରେ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ । ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର, ସଂରକ୍ଷଣ ନିମନ୍ତେ ଓ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ମହାନ ସଂସ୍କୃତି ସହିତ ସାମିଲ୍ କରିବା ଉଦ୍ଦେଶ୍ୟରେ ରାଇରଙ୍ଗପୁର ଅଂଚଳର ସମସ୍ତ ୧୫ଟି ୱାର୍ଡରେ ଉକ୍ତ ରଥ ପରିକ୍ରମା କରି ସଂକୀର୍ତନ ମଣ୍ଡଳୀ ସହିତ ଘରକୁ ଘର ବୁଲି ପ୍ରତ୍ୟେକ ଗୃହରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ । ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ୧୫ ତାରିଖ ମଧ୍ୟରେ ଏହି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟ ସମାପନ ହୋଇ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ଏକତ୍ରିତ କରାଯାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ଉପଲକ୍ଷେ ମହାପ୍ରଭୁଙ୍କୁ ଅର୍ପଣ ପାଇଁ ପୁରୀ ଶ୍ରୀମନ୍ଦିରକୁ ପ୍ରେରଣ କରାଯିବା ପାଇଁ ବ୍ୟବସ୍ଥା କରାଯିବ । ଆଜିର ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ପୌରପାଳିକାର ଉପାଧ୍ୟକ୍ଷା ଶ୍ରୀମତୀ ମମିତା ଚୌଧୁରୀ, ସମସ୍ତ କାଉନସିଲର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ପୌର କର୍ମଚାରୀ, ସଚ୍ଛ ସାଥି, ମିଶନ ଶକ୍ତି ସଦସ୍ୟା, ବିଭିନ୍ନ ପଦାଧିକାରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ପାଣିକୋଇଲି ସେବା ସମବାୟ ସମିତିରେ ଧାନ କ୍ରୟର ଶୁଭାରମ୍ଭ

କୋରେଇ, ୯/୧ (ନି.ପ୍ର): ଯାଜପୁର ଜିଲ୍ଲାରେ ଗତ ୫ ତାରିଖରୁ ସରକାରୀ ଧାନ କ୍ରୟ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ପାଣିକୋଇଲି ପ୍ରାଥମିକ କୃଷି ସେବା ସମବାୟ ସମିତିଂରେ ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି । ପାଣିକୋଇଲି ସମବାୟ ସମିତିରେ ମୋଟ ୮୩୦ ଜଣ ଚାଷୀ ଧାନ ଦେବା ପାଇଁ ପଂଜୀକୃତ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର କ୍ୱିଂଟାଲ ଧାନ କ୍ରୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମବାୟ ସମିତିର ସଭାପତି ସନ୍ତୋଷ କୁମାର ବେହେରା ଧାନ କ୍ରୟର ଶୁଭାରମ୍ଭ କରିଥିବା ବେଳେ ସମ୍ପାଦକ ସୁଦର୍ଶନ ପରିଡା ଓ ଆରଏମସିର ପକ୍ଷରୁ ସୁଯ୍ୟାକାନ୍ତ ସାହୁ ଯୋଗଦେଇଥିଲେ । ଅଦୈତ୍ୟ ଚରଣ ଦାଶ, ମୋହନ ଚରଣ ପାଢୀ, ନିମାଇଁ ମଲ୍ଲିକ, ତଉଲି ସମାଲ, ସୂର୍ଯ୍ୟମଣି ପଣ୍ଡା, କରୁଣାକର ମାଝୀ, ରବି ନାରାୟଣ ପଣ୍ଡା, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସୁଦର୍ଶନ ପଣ୍ଡା, ଅନିଲ ବୋଇତାଇ, କୃତିବାସ ଖଣ୍ଡେଇ, ଦୀପକ ରାୟ, ନାଣ୍ଟୁ ମଳିକ, ଅଭିରାମ ସାହୁ, ପ୍ରଫୁଲ୍ଲ ନାୟକ, ରାମ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ ସାହୁ, ଗଦାଧର ସାହୁ, ପଂଚାନନନ ବେହରା, ନାଲୁ ସାହୁ,ପୁରଂଜନ ପଣ୍ଡା, ସୁରେନ୍ଦ୍ର ଭାରତୀ, ପୂର୍ଣ୍ଣ ସାହୁ, ପ୍ରତିମା ପଲେଇ ସମେତ ସମତେ ଶତାଧିକ ଚାଷୀ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭରେ ସହଯୋଗ କରିଥିଲେ ।

# ଏସବିଆଇ ଲାଇଫ୍ ଇନସ୍ୟୁରାନ୍ସ କ୍ରିକେଟ୍ : ବ୍ରହ୍ମବରଦା କ୍ରିକେଟ୍ କ୍ଲବ ଚାମ୍ପିଅନ

ଧର୍ମଶାଳା, ୯/୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଦୁଇ ଦିନ ଧରି ଚାଲିଥିବା ଏସ୍ୱିଆଇ ଲାଇଫ୍ ଇନସ୍ୟୁରାନ୍ସ ଏକ ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । କେଏମସିସି କ୍ରିକେଟ କ୍ଲବକୁ ହରାଇ ବ୍ରହ୍ମବରଦା କ୍ରିକେଟ୍ କ୍ଲବ ଚାମ୍ପିଅନ ହୋଇଛି । ୧ମ ମ୍ୟାଚ ବ୍ରହ୍ମବରଦା ଠାରୁ ୧୫୮ ଓ ୨ୟ ମ୍ୟାଚ ୧୩୪ ରନରେ ବ୍ରହ୍ମବରଦା ଠାରୁ ପରାଜିତ ହୋଇଥିଲା । ଫଳରେ ୨-୦ରେ ବ୍ରହ୍ମବରଦା ଜିତି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଶେଷ ମ୍ୟାଚରେ ବ୍ରହ୍ମବରଦା ଟସ୍ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୩୨ ଓଭରରେ ସମସ୍ତ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆକାଶ ଓଝା ୬୫ ଓ ସୌମ୍ୟ ରଂଜନ ରାଉତ ୫୧ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଅଜୟ ଦାସ ମୋଟ ୭ଟି ଉଇକେଟ ନେଇଥିଲେ । ୨୨୨ ରନର ବିଜୟ ଲକ୍ଷ ନେଇ କେଏମସିସି ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୭ ରନ କରିଥିଲା । ସୌମ୍ୟ ରଂଜନଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଯୁବନେତା ରାକେଶ ଦେଓ ଅତିଥିଭାବେ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ । ଆଜିର ଖେଳକୁ ମଂଟୁ ଦାସ , ସୋମ୍ୟ ରଂଜନ ଲେଙ୍କା ଓ ରଚିତ ରଂଜନ ଦେଓ ପରିଚାଳନା କରିଥିଲେ ।

# ରୋଟାରି କ୍ଲବ ତରଫରୁ ଅଙ୍ଗଦାନ ସଚେତନତା ଓ ଶୀତବସ୍ତ୍ର ବଂଟନ




ଉଦଳା , ୯/୧ (ନି.ପ୍ର): ରୋଟାରି କ୍ଲବ ଉଦଳା ତରଫରୁ ଚଳିତ ଜାନୁଆରି ୬ ତାରିଖ ଶନିବାର ଦିନ ଅଙ୍ଗଦାନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ସହିତ ଗରିବ ଲୋକ ମାନଙ୍କୁ ଶିତ ବସ୍ତ୍ର ବଂଟନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ସଭାପତି ମନୋରଂଜନ ପାଢ଼ି ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଆଗ୍ରହ ବଢୁଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାପରେ କ୍ଲବ ତରଫରୁ ଅଙ୍ଗଦାନ ପାଇଁ ସଚେତନତାର ବାର୍ତା ବାଂଟିବା ଦାୟିତ୍ୱରେ ଥିବା ଡ଼ା. ଭାଗବତ ବେହେରା ଅଙ୍ଗଦାନ ଦ୍ୱାରା କିପରି ଅନ୍ୟ ଲୋକର ଜୀବନ ବଂଚାଇବାରେ କାମରେ ଆସିଥାଏ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଅଙ୍ଗଦାନ ପାଇଁ ସତ୍ୟପାଠ ଦାଖଲ କରିଥିବା ବ୍ୟକ୍ତି ବିଶେଷଙ୍କୁ କ୍ଲବ ତରଫରୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ପରେ ଅଙ୍ଗଦାନ ସମ୍ପର୍କରେ ଏକ ପ୍ରଶ୍ନଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁଦର୍ଶନ ପ୍ରଧାନ ଅଙ୍ଗଦାନ ସରିବା ପରେ ମୃତ ଶରୀରକୁ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯିବ କି ନାହିଁ ପ୍ରଶ୍ନ କରିଥିଲେ । ଉତରରେ ଡ଼ା. ଭାଗବତ ବେହେରା କହିଲେ ଉକ୍ତ ଶରୀରଟି ସହିତ ପରିବାର ଲୋକଙ୍କର ଇମୋସନାଲ ଆଟାଚମେଂଟ ରହିଛି । ତେଣୁ ମୃତ ଶରୀରଟିକୁ ପୁଣିଥରେ ପରିବାର ଲୋକଙ୍କୁ ସସମ୍ମାନେ ଫେରାଇ ଦିଆଯିବ । ଯେଉଁମାନେ ଅଙ୍ଗଦାନ କରିବାକୁ ଚାହାଁନ୍ତି ସେମାନେ ମୋବାଇଲ ନଂ-୯୪୩୭୧୦୧୨୭୭ ସହିତ ଯୋଗାଯୋଗ କରିବାକୁ କ୍ଲବ ତରଫରୁ କୁହାଯାଇଛି । ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଆଗ୍ରହ ବଢୁଛି ସତ କିନ୍ତୁ ପ୍ରତ୍ୟାରୋପଣ କ୍ଷେତ୍ରରେ ସରକାରୀ ମହଲରେ ସେହିଭଳି ସହଯୋଗ ମିଳୁନଥିବାରୁ କ୍ଲବର ସଦସ୍ୟ ମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହାପରେ ଗରିବ ଲୋକଙ୍କୁ ଶୀତ ବସ୍ତ୍ର ବଂଟନର ପର୍ବ ଆରମ୍ଭ ହୋଇଥିଲା । ଏଥିରେ ଇନରହୁଇଲ କ୍ଲବର ସଦସ୍ୟା ମାନେ ସହଯୋଗ କରିଥିଲେ । ପ୍ରାରମ୍ଭରେ କ୍ଲବର ପୂର୍ବତନ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବର୍ତମାନର ଉପସଭାପତି ଅଜୟ ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ସମ୍ପାଦକ ସୁଶାନ୍ତ ପଟ୍ଟନାୟକ, ବ୍ରହ୍ମାନନ୍ଦ ନାୟକ, ଜୟନ୍ତି ପଟ୍ଟନାୟକ ଓ ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ନିୟୁଷ୍ଟାର କ୍ଲବର କାର୍ଷିକ କ୍ରୀଡା ଉପଲକ୍ଷେ ଭଲିବଲ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର , ୯/୧ (ନି.ପ୍ର): ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର ସ୍ଥିତ ନିୟୁଷ୍ଟାର କ୍ଲବର ୧୩ତମ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ସୋମବାର ଅପରାହ୍ନରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ସଭାରେ ଖଗେନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ , ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ପୂର୍ବତନ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ସପନ ଦାସ, ମଧୁସୂଦନ ସେନାପତି, କାଳିଚରଣ ଦାସ, ନନ୍ଦିତା ଦାସ, ବିଶ୍ୱଜିତ୍ ପାଳ, ସତ୍ୟଶୋଭନ ମିଶ୍ର, ବସନ୍ତ ମାହାନା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଓଡିଶା ଓ ପଶ୍ଚିମବଂଗର ଭଲିବଲ ଟିମ୍ ଭାଗ ନେଇଥିଲେ । କ୍ଲବ ସଭାପତି ଅଭିମନ୍ୟୁ ସାହୁ, ସଂପାଦକ ଶିବ ଶଂକର ଦାସ, ବିଶ୍ୱଜିତ୍ ମହାନା, ଅଜିତ୍ ମହାନା, ସୁମନ ସାହୁ, ଧନଞ୍ଜୟ ସାହୁ, ଅନିଲ ବାରିକ, ଗୌରଭ ସାହୁ, ଭବ ମଣ୍ଡଳ, ଚନ୍ଦନ ଦଳାଇ, ଗୌରାଙ୍ଗ ରାଉତ, ଅଜୟ ଦାସ, କାହ୍ନୁ ସିଂହ, ଗୋପୀକୃଷ୍ଣ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



ଲଙ୍ଗଳେଶ୍ୱର , ୯/୧ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କ୍ଷୀରୋଦା ବିହାରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି କୁନି କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିଶୁ ମନ୍ଦିରର ପ୍ରାଣ ପ୍ରତିଷ୍ଠାତା ସଭାପତି ତଥା ପ୍ରାକ୍ତନ ସେନା ଅଧିକାରୀ ମାନସ କୁମାର ବେହେରାଙ୍କ ସଭାପତିତ୍ୱରେ ବରିଷ୍ଠ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପାତ୍ର, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପ୍ରଶାନ୍ତ ବେହେରା, କୋଷାଧକ୍ଷ ବଂଶୀଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁ ବିଦ୍ୟା ମନ୍ଦିରର ଭାର ପ୍ରାପ୍ତ ପ୍ରଧାନ ଗୁରୁମା ଅଞ୍ଜନା ମିଶ୍ର, ଗୁରୁଜୀ ଜଳଧର ଦେ, ନିର୍ମଳ କୁମାର ଧଳ,ଗୁରୁମା କୃଷ୍ଣା କୁମାରୀ ସୁର, ଝୁନା ରାଣୀ ଦାସ, ଚିନ୍ମୟୀ କର, ବିଦ୍ୟୁତ ପ୍ରଭା ଦେ, ସସ୍ମିତା ନାୟକ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଅପା ସ୍ନେହଲତା ଦେ, ଜାନକୀ ମାରାଣ୍ଡି ପ୍ରମୁଖ କ୍ରୀଡା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଭଦ୍ରକର ଗାଁ, ସହର ଓ ଗଳିକନ୍ଦିରେ ଅର୍ପଣ ରଥ ପରିକ୍ରମାର ମାହୋଲ



ଭଦ୍ରକ, ୯/୧ (ନି.ପ୍ର): ଓଡ଼ିଆ ଜାତିର ଆରାଧ ଦେବତା ଜଗନ୍ନାଥଙ୍କ ପବିତ୍ର ଶ୍ରୀକ୍ଷେତ୍ର ଧାମ ପାଇଁ ଅବିସ୍ମରଣୀୟ ଦିନ ହେବାକୁ ଯାଉଥିବା ଆଗାମୀ ଜାନୁୟାରୀ ୧୭ ତାରିଖ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଉପଲକ୍ଷେ ରାଜ୍ୟ ତମାମ୍ ଆରମ୍ଭ ହୋଇଥିବା ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଆୟୋଜନରେ ଭଦ୍ରକ ଜିଲ୍ଲାର ଗାଁ, ସହର, ଗଳିକନ୍ଦି ଚଳ ଚଞ୍ଚଳ ହୋଇ ଉଠିଛି । ଜିଲ୍ଲାର ୭ ବ୍ଲକ, ୨ ମ୍ୟୁନିସିପାଲିଟି ଓ ୨ଟି ଏନ୍.ଏ.ସି.ରେ ବୁଲୁଛି ଅର୍ପଣ ରଥ । ସଂକୀର୍ତ୍ତନ ମୟ ଘଣ୍ଟଘଣ୍ଟା କରତାଳ, ସାଙ୍ଗକୁ ଶଙ୍ଖ, ହୁଳହୁଳି, ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ହେଉଛି ମୁଖରିତ । ପ୍ରତି ପଞ୍ଚାୟତ ପ୍ରତି ୱାର୍ଡ଼ ର ଗାଁ, ଗାଁ, ସାହି, ସାହିରେ ଦେଖାଯାଉଛି ଭାବମୟ, ଭକ୍ତିମୟ ପରିବେଶ । ଭଳିକି ଭଳି ଝୋଟି ଚିତାରେ ଝଲସୁଛି ଗାଁ ଦାଣ୍ଡ । ପ୍ରକମ୍ପିତ ହେଉଛି ଜୟ ଜଗନ୍ନାଥ ଧ୍ୱନି । ଅତୀବ ଉତ୍ସାବ, ଉଦ୍ଦୀପନା, ଆଗ୍ରହର ସହିତ ମୁଣ୍ଡରେ ମାରି ପ୍ରତିଟି ଘରୁ ଅର୍ପଣ କରୁଛନ୍ତି ଅକ୍ଷତ ଗୁଆ ଓ ଅରୁଆ ଚାଉଳ । ଭଦ୍ରକ ଜିଲ୍ଲାର ସମୁଦାୟ ୭ ବ୍ଲକ୍‌ର ୨୧୮ ପଞ୍ଚାୟତର ସମସ୍ତ ଗ୍ରାମ ଓ ୪ଟି ପୌରାଞ୍ଚଳର ସମୁଦାୟ ୭୯ଟି ୱାର୍ଡ଼ରୁ ଅର୍ପଣ ରଥ ପରିକ୍ରମା ଜରିଆରେ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି । ୪ଟି ପୌରାଞ୍ଚଳରେ ୧୧ଟି ରଥ ପରିକ୍ରମା କରୁଥିଲା ବେଳେ ୭ଟି ବ୍ଲକ୍‌ରେ ବର୍ତ୍ତମାନ ସୁଦ୍ଧା ୭୫ଟି ଗ୍ରାମ ପଞ୍ଚାୟତରେ ବୁଲୁଛି ୭୬ଟି ରଥ । ପ୍ରତ୍ୟେକ ବ୍ଲକ୍ ଓ ପୌରାଞ୍ଚଳରେ ରଥ ଉଦ୍‌ଘାଟନ ସମୟରେ ପ୍ରାୟ ଅଧିକାଂଶ କ୍ଷେତ୍ରରେ ସଂପୃକ୍ତ ନିର୍ବାଚନ ମଣ୍ଡଳୀର ବିଧାୟକ, ସଂପୃକ୍ତ ବ୍ଲକ୍ ଓ ପୌରାଞ୍ଚଳର ଅଧକ୍ଷ, ବି.ଡ଼ି.ଓ., ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ ପ୍ରଭୃତିଙ୍କ ସହ ଅଞ୍ଚଳବାସୀ ସଂକୀର୍ତ୍ତନ ଦଳ ଆଦି ଉପସ୍ଥିତ ରହୁଛନ୍ତି । ଭଦ୍ରକ ପୌରପାଳିକା ତରଫରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକ ବିଧାୟକ ସଂଜୀବ୍ ମଲ୍ଲିକ, ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଣ୍ଟିଆ, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ ପ୍ରମୁଖ ଉପସ୍ଥିତ ରହି ୪ଟି ରଥକୁ ଉଦ୍‌ଘାଟନ କରିଥିଲେ । ଭଣ୍ଡାରିପୋଖରୀ ବ୍ଲକ୍ ପାଇଁ ବିଧାୟକ ପ୍ରଫୁଲ୍ଲ ସାମଲ, ବି.ଡ଼ି.ଓ. ଦେବୀଦତ୍ତ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ତିହିଡ଼ି ବ୍ଲକ୍‌ରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବି.ଡ଼ି.ଓ. ଜ୍ୟୋର୍ତିମୟ କର, ବ୍ଲକ୍ ଅଧାକ୍ଷା ଅବନ୍ତୀ ଦାସ, ଜିଲ୍ଲାପରିଷଦ ବିଦ୍ୟୁତ ଲତା ନାୟକ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ବାସୁଦେବପୁର ବ୍ଲକ୍‌ରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବି.ଡ଼ି.ଓ. ସଂଜୀବ କୁମାର ସାହୁ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ରଥ ଉଦ୍‌ଘାଟନ କରିଥିଲେ ।

# ତେଜିଲା ବାଲେଶ୍ୱର ଗୋଷ୍ଠୀ କନ୍ଦଳ: ଆତ୍ମସମ୍ମାନକୁ ବାଧିଥିବା ଅଭିଯୋଗ ଆଣିଲେ ଆନ୍ଦୋଳନକାରୀ




ବାଲେଶ୍ୱର, ୯/୧ (ନି.ପ୍ର): ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ବାଲେଶ୍ୱର ବିଜେଡିରେ ଦେଖାଦେଇଥିବା ଗୋଷ୍ଠୀ କନ୍ଦଳ ବିସ୍ଫୋରକ ରୂପ ଧାରଣ କଲାଣି । ଦଳ ଭିତରେ ଅସମ୍ମାନିତ ହୋଇଥିବା ଅଭିଯୋଗ କରି ନିଜ ଦଳର ବିଧାୟକଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶତାଧିକ ମହିଳା । ଗତକାଲି ପୂର୍ବତନ ସାଂସଦ ଗୋଷ୍ଠୀ ଏନେଇ ଥାନାରେ ଏତଲା ଦେଇଥିବା ବେଳେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦଳର ଶତାଧିକ ମହିଳା କର୍ମୀ ଗାନ୍ଧି ସ୍ମୃତି ଭବନରୁ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ସଦର ବିଧାୟକ ସ୍ୱରୂପ ଦାସଙ୍କ ବିରୋଧରେ ନାରାବାଜି ଦେଇଥିବା ବେଳେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ସମର୍ଥନରେ ରାଲି ଆୟୋଜନ କରିଛନ୍ତି । ଏନେଇ ଜଣେ ଅଭିଯୋଗକାରୀ କହିଛନ୍ତି, ଆମେ ଏକ ଶୃଙ୍ଖଳିତ ଦଳରେ ଅଛୁ । ତେଣୁ ବହୁ ଭାବିଚିନ୍ତି ଏପରି ପଦକ୍ଷେପ ନେଇଛୁ । କାହାକୁ ଡାକିକି ଅସମ୍ମାନ କରିବା ଖୁବ୍ ନିନ୍ଦନୀୟ । ଏହା ଆମକୁ ଖୁବ୍ ବାଧିଛି । ଆମ ଆତ୍ମସମ୍ମାନନରେ ଆଞ୍ଚ ଆସିଛି । ମୁଖ୍ୟମନ୍ତ୍ରୀ ସବୁବେଳେ ମା'ଙ୍କୁ ସମ୍ମାନ କହୁଥିବା ବେଳେ ଏଠାରେ କିନ୍ତୁ କିଛି ଲୋକ ଉକ୍ତ ଛବିକୁ ମଳିନ କରିବାକୁ ସର୍ବଦା ପ୍ରୟାସରତ ଅଛନ୍ତି । ବିଧାୟକଙ୍କ କିଛି ସମର୍ଥକ ଗୋଷ୍ଠୀ ଏପରି କାଣ୍ଡ ଚଳାଇଛନ୍ତି । ଆମେ ସେମାନଙ୍କ ବିରୋଧରେ ଅଭିଯୋଗ କରୁଛୁ । ତେବେ ଏନେଇ ଆଗାମୀ ଦିନେ, ଦୁଇ ଦିନରେ ପ୍ରେସ୍‌ମିଟ୍ କରି ଗଣମାଧମ ସମ୍ମୁଖରେ ସବୁ କଥା କହିବୁ ବୋଲି ଅଭିଯୋଗକାରୀମାନେ ସୂଚନା ଦେଇଛନ୍ତି । ଗତ ଶନିବାର ୫-ଟ଼ି ଅଧକ୍ଷ ଭି.କେ ପାଣ୍ଡିଆନ୍ ବାଲେଶ୍ୱର ଗସ୍ତରେ ଯାଇଥିଲେ । ପାଣ୍ଡିଆନ୍‌ଙ୍କ ପାଇଁ ବାଲେଶ୍ୱର ମିଶନ୍ ହାଇସ୍କୁଲ ପଡ଼ିଆରେ ଭବ୍ୟ ସଭାର ଆୟୋଜନ କରାଯାଇଥିଲା । ମଞ୍ଚକୁ ପାଣ୍ଡିଆନ୍ ଆସିବା ପୂର୍ବରୁ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଓ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଗୋଷ୍ଠୀ ଶକ୍ତି ପ୍ରଦର୍ଶନ କରିଥିଲେ । ବିଧାୟକଙ୍କ ସମର୍ଥକମାନେ ପ୍ରଥମେ ଯାଇ ସଭାରେ ବସି ଯାଇଥିଲେ । ପରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ସମର୍ଥନ କୁହାଯାଉଥିବା କାଉନସିଲର ରଂଜିତା ମହାପାତ୍ର ଓ ତାଙ୍କ ସମର୍ଥକମାନେ ବସିବା ପାଇଁ ଯାଇଥିଲେ । ହେଲେ ସେତେବେଳକୁ ସେମାନଙ୍କ ବସିବା ପାଇଁ ସିଟ୍ ନଥିଲା । ଯାହାକୁ ନେଇ ସଭାରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲା । ଏପରିକି ଠେଲାପେଲା, ଧସ୍ତାଧସ୍ତି ଓ ନାରାବାଜି ହୋଇଥିଲା । ଏହି ଗଣ୍ଡଗୋଳରେ ବାଲେଶ୍ୱର ମ୍ୟୁନିସିପାଟିର ପୂର୍ବତନ ଅଧକ୍ଷ ସତନ କୁମାର ଦାସଙ୍କ ସାର୍ଟ ଚିରି ଯାଇଥିଲା । ସଭାରେ ବିଜେଡିର ଦୁଇ ଗୋଷ୍ଠୀଙ୍କ ଏହି ଗଣ୍ଡଗୋଳ ଦେଖି ସ୍ତବ୍ଧ ହୋଇଯାଇଥିଲେ ଜନତା । ପରବର୍ତ୍ତୀ ସମୟରେ କାଉନସିଲର ରଂଜିତା ମହାପାତ୍ରଙ୍କୁ ସାମ୍ବାଦିକଙ୍କ ପାଇଁ ପଡ଼ିଥିବା ସିଟ୍‌ରେ ବସାଇ ଦିଆଯାଇଥିଲା । ତା'ପରେ ଗଣ୍ଡଗୋଳ ପ୍ରଶମିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଭିଜିଲାନ୍ସ ଜାଲରେ...

ଅଧିକ ହେବ । ଏସବୁ ପ୍ଲଟ କମ୍ ମୂଲ୍ୟରେ ପଞ୍ଜିକରଣ ହୋଇଥିବା ଭିଜିଲାନ୍ସ ସନ୍ଦେହ କରୁଛି । କେବଳ ପଥରଗାଡ଼ିଆ ମୌଜାରେ ୧୨ଟି ପ୍ଲଟ୍ ଥିବାବେଳେ ଅନ୍ୟ ପ୍ଲଟଗୁଡ଼ିକ ଭୁବନେଶ୍ୱରର ପ୍ରମୁଖ ଅଂଚଳରେ ରହିଛି । ନିଜ ଶଳା ଓ ଅନ୍ୟ ସମ୍ପର୍କୀୟଙ୍କ ନାଁରେ ମଧ ସେ ପ୍ଲଟ୍ କିଣିଥିବାର ଦସ୍ତାବିଜ ଭିଜିଲାନ୍ସ ପାଇଛି । ସେହିପରି ତାଙ୍କର ବିଭିନ୍ନ ବ୍ୟାଙ୍କ ଓ ବୀମା ଡିପୋଜିଟ୍ ବାବଦରେ ୭୨.୮୦ଲକ୍ଷ ଟଙ୍କା ରହିଛି । ୧୫ଲକ୍ଷ ଟଙ୍କାରୁ ଅଧିକ ନଗଦ ଟଙ୍କା, ସୁନା ଓ ଗୃହ ଉପକରଣ ସାମଗ୍ରୀ ମିଳିଛି । ସେ ଉପଯୋଗ କରୁଥିବା ୪ଟି ବେନାମୀ ଗାଡ଼ି ରହିଛି । ଯାହା ଅନ୍ୟମାନଙ୍କ ନାଁରେ ରେକର୍ଡଭୁକ୍ତ । ଏଥିରେ ମାରୁତି ସୁଜୁକି, ଫୋର୍ଡ ଫିଗୋ, ସେଭେରାଲେଟ୍ ଡିଏସଏଲ୍ ଓ ଅଶୋକ ଲେଲାଣ୍ଡ ପିକଅପ୍ ସମେତ ଗୋଟିଏ ଦୁଇଚକିଆ ସ୍କୁଟି ମଧ ରହିଛି । ଶ୍ରୀ ବେହେରା ତାଙ୍କ ପୁଅକୁ ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟରେ ଏମବିବିଏସ୍ ପାଠ ପଢ଼ାଇବା ପାଇଁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି । ଅଧିକ ତଥ୍ୟ ଜାଣିବା ପାଇଁ ଶ୍ରୀ ବେହେରାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଜେରା କରୁଛନ୍ତି । ଆହୁରି ଅଧିକ ସମ୍ପତ୍ତି ମିଳିବ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି । ଶ୍ରୀ ବେହେରାଙ୍କ ସାଲେପୁର ପୈତୃକ ଘର ସମେତ ନୟାଗଡ଼ ଭଡ଼ାଘର, ଶୈଳେଶ୍ରୀ ବିହାରର ୩୦୦୦ ବର୍ଗଫୁଟ ଅଂଚଳରେ ଘର ଓ ପାଣ୍ଡରାରେ ୨୪୦୦ବର୍ଗଫୁଟ ଜମିରେ ଘର, ଖୋର୍ଦ୍ଧାର ଗୋବିନ୍ଦପୁରରେ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ସତ୍ୟବିହାରରେ ଅନ୍ୟଜଣେ ସମ୍ପର୍କୀୟଙ୍କ ଘର ସହ ନୟାଗଡ଼ା ଏମଭିଆଇ ଅଫିସରେ ଆଜି ଏକସଙ୍ଗେ ୬ଜଣ ଡିଏସପି, ୩ଜଣ ଇନ୍ସପେକ୍ଟର ଓ ୮ଜଣ ଏଏସଆଇଙ୍କ ସମେତ ଅନ୍ୟ ଅଧିକାରୀମାନେ ଏକସଙ୍ଗେ ଚଢ଼ଉ କରିଥିଲେ । ତାଙ୍କୁ ଅଧିକ ଜେରା କରାଯାଉଛି ଓ ସମ୍ଭବତଃ ତାଙ୍କୁ ଆସନ୍ତାକାଲିସୁଦ୍ଧା ଗିରଫ କରାଇପାରେ ବୋଲି ଜଣାପଡ଼ିଛି ।

## ବିଜେଡିରେ କୋଣଠେସା...

କରୁଥିବା ଜଣାପଡ଼ିଛି । ବିଜେଡିର ଏଭଳି କୋଣଠେସାକୁ ଦେଖି ଭର୍ତ୍ତୃହରି ମଧ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ସମ୍ପର୍କ ବଢ଼ାଇବାରେ ଲାଗିଛନ୍ତି । ଆଉ ବିଭିନ୍ନ ସମୟରେ ନିଜର ଓଡ଼ିଆ ଦୈନିକ ଖବରକାଗଜରେ ସମ୍ପାଦକୀୟ ଲେଖି ନବୀନ ପଟ୍ଟନାୟକ ସରକାର ଓ ବିଜେଡିର ସାଂଗଠନିକ ପରିଚାଳନା ପ୍ରତି ପରୋକ୍ଷରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଭର୍ତ୍ତୃହରି ଗତ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଏବେ ଅମିତ୍ ଶାହଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପରେ ସେ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୌଷ୍ଣବଙ୍କୁ ବିଜେପି ଆଗାମୀ ସାଧାରଣ ନିର୍ବାଚନରେ କଟକ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ କରିବାର ସମ୍ଭାବନା ବି ରହିଛି । ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ନିକଟରେ ଓଡ଼ିଶା ଗସ୍ତରେ ଆସି କଟକରେ ବିଭିନ୍ନ ଅଂଚଳରେ କାର୍ଯ୍ୟକ୍ରମ କରିବା ସହ ଏକ ଫୁଟବଲ ଷ୍ଟାଡ଼ିୟମ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟବରାଦର ଘୋଷଣା ମଧ କରିଥିଲେ । ଏପରିକି ଲୋକଙ୍କ ଅଭିଯୋଗ ଶୁଣି ସଙ୍ଗେସଙ୍ଗେ ସମାଧାନ ବି କରିଥିଲେ । ଭର୍ତ୍ତୃହରିଙ୍କ ନିକଟତମ ମହଲରୁ ଜଣାପଡ଼ିଛି ଯେ, ବିଜେଡି ଉପରେ ଚାପ ସୃଷ୍ଟି ପାଇଁ ଶ୍ରୀ ମହତାବ ଏଭଳି ରଣନୀତି କରିଛନ୍ତି । ସେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ଘନିଷ୍ଠତା ବଢ଼ାଇ ବିଜେଡି ସହ ମୂଳଚାଲ ଯୋଜନାରେ ଥିବା ଚର୍ଚ୍ଚା ହେଉଛି । ଉଲ୍ଲେଖଯୋଗ୍ୟ, ଶ୍ରୀ ମହତାବ ଯେଉଁଭାବେ କ୍ରମାଗତ ଭାବେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ଘନିଷ୍ଠ ହେବାରେ ଲାଗିଛନ୍ତି ତାହା ବିଜେଡିକୁ ଅଡୁଆରେ ପକାଇଛି । ସମ୍ଭବତଃ ଏହି କାରଣରୁ ଗତ ଜାନୁୟାରୀ ୧ରେ ମେଟ୍ରୋ ରେଳ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଏବଂ ଗତ ସପ୍ତାହରେ ବାଲିଯାତ୍ରା ପଡ଼ିଆରେ ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନଙ୍କ ପାଇଁ ଉଦ୍ଦିଷ୍ଟ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କର ଅନୁପସ୍ଥିତି ବାରି ହୋଇପଡ଼ିଥିଲା । ତେ୍ବେ ୬ଥରର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏବେ ସରକାରୀ ଭାଷାର ସଂସଦୀୟ କମିଟିର ଉପାଧକ୍ଷ ଅଛନ୍ତି ଓ ଅମିତ୍ ଶାହ ଉକ୍ତ କମିଟିର ଅଧକ୍ଷ ଅଛନ୍ତି । ଉଭୟ ନେତା ସମ୍ଭବତଃ କେନ୍ଦ୍ର ସରକାରଙ୍କ ରାଜଭାଷା ନୀତି ଉପରେ ଆଲୋଚନା କରିଥାଇପାରନ୍ତି ।

## ସିଟ ଶେୟାରିଂକୁ ...

ତେଣୁ ବିଜୟ ହୋଇଥିବା ଆସନ ଉପରେ କୌଣସି ଆଲୋଚନା ହେବ ନାହିଁ । ଅବଶ୍ୟ ଆମକୁ କିଛି ସାଂସଦ ଛାଡ଼ି ଚାଲି ଯାଇଛନ୍ତି । ସେହିପରି ଏନସିପି ପାଖରେ ଥିବା ୪ ଆସନ ଓ କଂଗ୍ରେସ ଜିତିଥିବା ଚନ୍ଦ୍ରପୁର ଆସନ ଉପରେ ମଧ ଆଲୋଚନାର ଆବଶ୍ୟକ ନାହିଁ । ଆମେ ସମ୍ଭାଜୀ ନଗର ଓ ଶିରୁର ଆସନରେ ବହୁ କମ ବ୍ୟବଧାନରେ ହାରିଥିଲୁ । କିନ୍ତୁ ଆମେ ସେହି ସବୁ ଆସନ ପାଇଁ ଦାବି କରୁ ନାହିଁ । କୌଣସି ଆସନରେ ଏନସିପି ସହ ଆମର ତିକ୍ତତା ନାହିଁ । ଆମେ ସବୁ କିଛି କଂଗ୍ରେସ ସହ ଆଲୋଚନା କରି ଚୂଡ଼ାନ୍ତ କରିବୁ । ସାଂସଦ ବିନାୟକ ରାଉତ ଓ ମୁଁ ସେମାନଙ୍କ ପ୍ରତିନିଧିଙ୍କ ସହ କଥାବାର୍ତ୍ତା କରିବୁ । ଚୂଡ଼ାନ୍ତ ନିଷ୍ପତ୍ତି ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ଏନସିପି ସୁପ୍ରିମୋ ଶରଦ ପାୱାର ଓ ଶିବସେନା(ୟୁବିଟି) ସଭାପତି ଉଦ୍ଧବ ଠାକରେ ହିଁ ନେବେ ।" ସଞ୍ଜୟ ରାଉତଙ୍କୁ ଦଳର ନାଗପୁର ଜିଲ୍ଲା ମୁଖ୍ୟ ପ୍ରକାଶ ଯାଦବ ସମର୍ଥନ କରିଛନ୍ତି । ସେ କହିଛନ୍ତି, "ଆମେ ବିଜେପି ପରେ ସବୁଠାରୁ ଅଧିକ ଆସନ ଜିତିଥିଲୁ ।

## ସିଇଓ ମା'ର ସାଂଘାତିକ...

ରୁମରେ ରକ୍ତଛିଟା ପଡିଥିବା ଦେଖି ଗୋଆ ପୁଲିସକୁ ତଥ୍ୟ ଦେଇଥିଲେ କର୍ମଚାରୀ । ସମସ୍ତଙ୍କୁ ଚକମା ଦେଇ କର୍ଣ୍ଣାଟକ ଯାଉଥିବା ବେଳେ ଅଭିଯୁକ୍ତଙ୍କୁ ଧରିବା ପାଇଁ କସରତ ଆରମ୍ଭ କରିଥିଲା ଗୋଆ ପୁଲିସ । ବେଙ୍ଗାଲୁରୁରୁ ପହଁଚିବା ପୂର୍ବରୁ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ । ହୋଟେଲ କର୍ମଚାରୀଙ୍କ ସୂଚନା ପାଇବା ପରେ ଟ୍ୟାକ୍ସିକୁ ଟ୍ରାକ କରିଥିଲା ଗୋଆ ପୁଲିସ । ଗାଡିକୁ ନିକଟସ୍ଥ ଥାନାକୁ ନେବାକୁ କହିବା ପରେ ମହିଳାଙ୍କୁ ନେଇ ପହଁଚିଥିଲେ ଡ୍ରାଇଭର । ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିବା ସହ ତାଙ୍କ ଲଗେଜ ବ୍ୟାଗ ଖୋଲିବା ପରେ ହତଚକିତ ହୋଇଥିଲେ ପୋଲିସ । କାରଣ ବ୍ୟାଗ ଭିତରୁ ମିଳିଥିଲା ରକ୍ତ ଜୁଡୁବୁଡ ପୁଅର ଶବ । କାହିଁକି ପୁଅକ ହତ୍ୟା କଲା ମା' ? ହତ୍ୟା ପଛର ପ୍ରକୃତ କାରଣ କ'ଣ ?ଏସବୁର ଖିଅ ଖୋଜୁଛି ପୁଲିସ । ଜେରା ସମୟରେ ସୂଚନା ସେଠ କହିଛନ୍ତି ନିଜ ପୂର୍ବତନ ସ୍ୱାମୀଙ୍କ ସହ ପୁଅ ଦେଖା କରିବାକୁ ଜିଦ ଧରୁଥିଲା । ଯାହାକୁ ସେ ବାରମ୍ବାର ବିରୋଧ କରୁଥିଲେ ସୂଚନା ସେଠ ଓ ଘଟଣା ଦିନ ପୁଅ ଜିଦ କରିବାରୁ ତାକୁ ହତ୍ୟା କରିଥିବା କହିଛନ୍ତି । ତେବେ ଦେଶର ଶ୍ରେଷ୍ଠ ଶହେ ଜଣ ଏଆଇ ଏଥିକ୍ସ ତାଲିକାରେ ରହିଛି ସୂଚନା ସେଠଙ୍କ ନାଁ । ଜଣେ ଦକ୍ଷ, କର୍ମଠ ଓ ପ୍ରତିଭାଶାଳୀ ସିଇଓ ଭାବେ ସ୍ୱତନ୍ତ୍ର ସ୍ଥାନ ବନାଇପାରିଛନ୍ତି । ଏବେ ଉଠୁଛି ପ୍ରଶ୍ନ ଏତେ ବଡ ପଦପଦବୀରେ ରହି କାହିଁକି ଓ କେଉଁ ପରିସ୍ଥିତିରେ ଜନ୍ମକଲା ପୁଅକୁ ହତ୍ୟା କଲେ ସୂଚନା ସେଠ ।

## କ୍ରୀଡ଼ା ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ...

ବିଷୟ ବୋଲି କହିଛନ୍ତି ମହମ୍ମଦ ସାମି । ବ୍ୟାଡମିଣ୍ଟନ ଖେଳାଳି ଚିରାଗ ସେଟ୍ଟୀ, ସାତ୍ୱିକ ସାଇରାଜ, ରେଙ୍କି ରେଡ୍ଡିଙ୍କୁ କ୍ରୀଡା ଜଗତର ସର୍ବୋଚ୍ଚ ସମ୍ମାନ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି । ଉଭୟ ଯୋଡି ୨୦୨୩ ଏସିଆନ ଗେମରେ ଦେଶପାଇଁ ବ୍ୟାଡମିଣ୍ଟନରେ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିବାରେ ସକ୍ଷମ ହୋଇଥିଲେ । ସେହିପରି ଏସିଆନ ଚମ୍ପିୟାନସିପ୍ ଏବଂ ଇଣ୍ଡୋନେସିଆ ଓପନ ସୁପର ଟାଇଟଲ ମଧ ହାସଲ କରିଛନ୍ତି । ସାମି, ଚିରାଗ, ସାତ୍ୱିକ ସାଇରାଜଙ୍କ ବ୍ୟତୀତ କ୍ରୀଡା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଅନ୍ୟ ୨୩ଜଣ କ୍ରୀଡାବିତଙ୍କୁ ମଧ ପୁରସ୍କୃତ କରିଛନ୍ତି ରାଷ୍ଟ୍ରପତି ।

## ରାମ ମନ୍ଦିର ସମସ୍ତଙ୍କର...

ଏହି ବରିଷ୍ଠ କଂଗ୍ରେସ ନେତା । କମଲନାଥଙ୍କ ଏହି ବୟାନ ସାମ୍ନାକୁ ଆସିବା ପରେ ଏହାକୁ ନେଇ ବିଜେପି ତରଫରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ଉଲ୍ଲେଖଯୋଗ୍ୟ, ଗତ ଶୁକ୍ରବାର ହୋଇଥିବା କ୍ୟାବିନେଟ୍ ବୈଠକରେ ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମନ୍ତ୍ରୀମାନଙ୍କୁ ତାଗିଦ କରିଛନ୍ତି । ବୈଠକରେ ମୋଦି ସଫା ସଫା କହିଛନ୍ତି ଯେ, ଆସ୍ଥା ଦେଖାଇବା ଉଚିତ, ଆଗ୍ରେସନ ନୁହେଁ ।

# ଶ୍ରମିକଙ୍କ ଥାଇଥାନକୁ ନେଇ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ

ଖୋର୍ଦ୍ଧା , ୯/୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟ ରତ ଥିବା ଶ୍ରମିକ ମାନଙ୍କୁ କମ୍ପାନୀ ମାନେ ନିର୍ଯ୍ୟାତନା ଦେବା ସହିତ ମନଇଛା ଚାକିରିରୁ ବାହାର କରିଦେବା ଏବଂ ସଠିକ ସମୟରେ ପାରିଶ୍ରମିକ ପ୍ରଦାନ ନକରିବାକୁ ନେଇ ଶ୍ରମିକ ମାନଙ୍କ ସୁରକ୍ଷାରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ଖୋର୍ଦ୍ଧାରେ ସି ଆଇ ଟି ୟୁ ପକ୍ଷରୁ ହୋଇଯାଇଛି । ଏହି ଶୋଭାଯାତ୍ରା ଖୋର୍ଦ୍ଧା ଶିଳ୍ପାଂଚଳରୁ ବାହାରି ଖୋର୍ଦ୍ଧା ସହର ମଧ ଦେଇ ନୂଆଁ ବସଷ୍ଟାଣ୍ଡ ପରଜ୍ୟାଣ୍ଟ ରୋଡ଼ ସୋ କରିଥିଲେ ଏବଂ ଶେଷରେ ନୂଆଁ ବସଷ୍ଟାଣ୍ଡ ମଧ୍ୟରେ ରହି ଶ୍ରମିକ ମାନଙ୍କ ସୁରକ୍ଷି ଉପରେ ସଂଘର ନେତା ଅଭିଭାଷଣ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା । ଖୋର୍ଦ୍ଧା ଶିଳ୍ପାଂଚଳରେ ଥିବା ଗୁପ୍ତା କେବୁଲ କମ୍ପାନୀ ମଧ୍ୟରେ ଏକ ହଜାରରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିବା ବେଳେ ଏହି ଶ୍ରମିକ ମାନେ ଗୁପ୍ତା । ପାୱାର କମ୍ପାନୀରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି । ଏହି କମ୍ପାନୀରେ କେବଳ ଖୋର୍ଦ୍ଧା ଜିଲ୍ଲାର ଶ୍ରମିକ ମାନେ କାମ କରୁଛନ୍ତି ତାହା ନୁହଁ ବରଂ ବିଭିର୍ନ ଜିଲ୍ଲାର ଶ୍ରମିକ ମାନେ ଏହି କମ୍ପାନୀରେ କାର୍ଯ୍ୟ କରି ଆସୁଛନ୍ତି ତେବେ କମ୍ପାନୀ ମାଲିକ ଶ୍ରମିକ ମାନଙ୍କୁ ସମାନ ଭାବରେ ପାରିଶ୍ରମିକ ପ୍ରଦାନ କରୁନଥିବା ମାସ ମାସ ଧରି ପାରିଶ୍ରମିକ ବକେୟା ରଖିବା ଏବଂ ଶ୍ରମିକ ମାନଙ୍କୁ ମନଇଚ୍ଛା କମ୍ପନିରୁ ଚଟେଇ କରିବା ଭଳି ଅନେକ ଅଭିଯୋଗ ଶ୍ରମିକ ମାନେ ଆଣିଛନ୍ତି । ଏସମ୍ପନ୍ଧରେ ଶ୍ରମିକ ମାନେ ଗତ ଜାନୁଆରୀ ୨ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଆନ୍ଦୋଳନ କରିବା ସହିତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ଆଜି ପରଜ୍ୟାଣ୍ଟ ଶ୍ରମ ବିଭାଗ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ କୌଣସି ପଦକ୍ଷେପ ନନେଇଥିବା ହେତୁ ପୁଣି ମଙ୍ଗଳବାର ଦିନ ଶ୍ରମିକ ମାନେ ଆନ୍ଦୋଳନ ମୁଖର ହୋଇଥିବା ଦେଖିବାକୁ ମିଳିଛି ।

# ପୌରପାଳିକା ପକ୍ଷରୁ ଦକ୍ଷତା ବୃଦ୍ଧି କର୍ମଶାଳା



ବାସୁଦେବପୁର, ୯/୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ମୁକ୍ତା ଯୋଜନା ମାଧମରେ ମିଶନ ଶକ୍ତି ସହ ଭାଗିତାରେ ଜଳାଶୟ ଗୁଡିକର ରୂପାନ୍ତରୀ କରଣ ପାଇଁ ଏକ ଦକ୍ଷତା ବୃଦ୍ଧି କର୍ମଶାଳା ନୀଳମଣି ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପୌର ପାଳିକାର ଅଧକ୍ଷା ନିବେଦିତା ବେହେରା । କାର୍ଯ୍ୟନିର୍ବାହୀ ଅଧିକାରି ସମୀର ରଞ୍ଜନ ଦାଶ, ବ୍ୟାଙ୍କ୍ ମ୍ୟାନେଜର, ଟ୍ରେନର ହାଡିବନ୍ଧୁ ବେହେରା, ଡକ୍ଟର ସୁବ୍ରତ ଦାସ, ମୁକ୍ତା ଷ୍ଟାଫ ଲୋପାମୁଦ୍ରା ନାୟକ ରାମ ଶଙ୍କର ନାୟକ, ପ୍ରଭୁଦତ୍ତ ମାଝୀ, ସିଇଓ, ସିଏମଏମୟୁ, ଗଦାଧର ସାହୁ ପ୍ରମୁଖ ଏହି କର୍ମଶାଳା ରେ ଯୋଗ ଦେଇଥିଲେ । ବାସୁଦେବପୁର ପୌର ପାଲିକା ର ବିଭିନ୍ନ ୱାର୍ଡ ରୁ ମହିଳା ମାନେ ଆସି ଏହି କର୍ମଶାଳା ରେ ଯୋଗ ଦେଇଥିଲେ । ଦକ୍ଷତା ବୃଦ୍ଧି କରିବାର କୌଶଳକୁ ତାଲିମ ଦାତା ବନ୍ଧୁ ଖୁବ୍ ସୁନ୍ଦର ଭାବେ ମହିଳା ଙ୍କୁ ବୁଝାଇଥିଲେ । ଶେଷରେ ରାମଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟଙ୍କ ଭଦ୍ରକ ଗସ୍ତ



ଭଦ୍ରକ, ୯/୧ (ନି.ପ୍ର): ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଆଜି ଭଦ୍ରକ ଜିଲ୍ଲାର ଭଦ୍ରକ ବ୍ଲକ ଓ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଖାଉଟୀ ସାମଗ୍ରୀ ବଣ୍ଟନ କେନ୍ଦ୍ର ଅଚାନକ ବୁଲି ଦେଖିଥିଲେ । ଭଦ୍ରକ ବ୍ଲକ୍‌ର ବ୍ରହ୍ମପୁର ପଞ୍ଚାୟତର ସୁଲଭ ଖାଉଟୀ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ଚାଉଳ ବଣ୍ଟନ ଚାଲିଥିବା ବେଳେ ପହଞ୍ଚି ହିତାଧିକାରୀମାନଙ୍କ ଠାରୁ ସିଧାସଳଖ ମତାମତ ନେଇଥିଲେ । ଖାଉଟୀମାନେ ସନ୍ତୋଷ ପ୍ରକଟ କରିଥିବା ବେଳେ ବଣ୍ଟନ କେନ୍ଦ୍ର ସମ୍ମୁଖରେ ସମସ୍ତ ହିତାଧିକାରୀଙ୍କ ତାଲିକା ଟଙ୍ଗାଇବା ପାଇଁ ପରାମର୍ଶ ଦେଇଥିଲେ । ଯେଉଁ ହିତାଧିକାରୀଙ୍କ ମୃତ୍ୟୁ ଘଟିଛି ସେମାନଙ୍କ ନାମ ତାଲିକାରୁ କାଟି ନୂଆ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଭଦ୍ରକ ବ୍ଲକର ସାବରଙ୍ଗ ବଡ଼ ଗୋପାଳ ସାହି ଓ ସାନଗୋପାଳସାହି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସମୟରେ ଅଙ୍ଗନବାଡ଼ି କେନ୍ଦ୍ର ବିଳମ୍ବରେ ଖୋଲାଯିବା ନେଇ ଶ୍ରୀ ଦାଶ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଅଙ୍ଗନବାଡ଼ି କର୍ମୀଙ୍କୁ ନିଜର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ଭଦ୍ରକ ବ୍ଲକ୍‌ର ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ମାନ ପରୀକ୍ଷା କରିବା ସହ ପାନୀୟ ଜଳ ଓ ପରିବେଶ ପ୍ରତି ସଜାଗ ରହିବାକୁ ପ୍ରଧାନଶିକ୍ଷୟିତ୍ରିଙ୍କୁ ପରାମର୍ଶ ଦେଇଥିଲେ । ସେହିଭଳି ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ବାସୁଦେବପୁର ବ୍ଲକର ପଦ୍ମପୁର ମହାରଣା ସାହି ଅଙ୍ଗନବାଡ଼ି କେନ୍ଦ୍ର, ଭରୁଣିଆ, ଅଲବଗା-୧ ଅଙ୍ଗନବାଡ଼ି କେନ୍ଦ୍ର ମଧ ପରିଦର୍ଶନ କରିଥିଲେ । ଗତକାଲି ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ବୁଲି ଖାଦ୍ୟର ମାନ ଯାଞ୍ଚ କରିଥିଲେ ।

## କୋଲକାତାରୁ ଓଡ଼ିଶା ଯାଉଥିବା ବିମାନର ଏମରଜେନ୍ସି ଲ୍ୟାଣ୍ଡିଂ

କୋଲକାତା, ୯/୧ (ନି.ପ୍ର): କୋଲକାତାରୁ ଓଡ଼ିଶା ଯାଉଥିବା ଏକ ବିମାନ ଉଡାଣ ଭରିବା ପରେ ଟେକ୍ନିକାଲ ତ୍ରୁଟି କାରଣରୁ ପୁଣି ଥରେ କୋଲକାତା ଏୟାରପୋର୍ଟରେ ଜରୁରୀକାଳୀନ ଲ୍ୟାଣ୍ଡିଂ କରିଛି । ଏନେଇ ମଙ୍ଗଳବାର ଅଧିକାରୀମାନେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବିମାନରେ ଥିବା ଯାତ୍ରୀମାନେ କହିଛନ୍ତି ବିମାନ ଉଡାଣ ଭରିବା ପରେ କିଛି ଫାଟିବାର ଶବ୍ଦ ଶୁଭିଥିଲା । କୋଲକାତା-ଭୁବନେଶ୍ୱର-ବେଙ୍ଗାଲୁରୁ ଯାଉଥିବା ବିମାନ ସୋମବାର ସନ୍ଧ୍ୟା ୫.୧୦ଟା ବେଳେ ଏୟାରପୋର୍ଟରୁ ଉଡାଣ କରିଥିଲା । ଯାତ୍ରୀଙ୍କ ମୁତାବକ ସନ୍ଧ୍ୟା ପ୍ରାୟ ୫.୪୦ ବେଳେ ବିମାନ ଆକାଶରେ ଥିବା ବେଳେ କିଛି ଶବ୍ଦ ଶୁଭିଥିଲା । ଏହାପରେ ପାଇଲଟ ବିମାନର ଜରୁରୀକାଳୀନ ଲ୍ୟାଣ୍ଡିଂ କରିଥିଲେ ।

# ଡିପିଏଲଟି ୧୦ କ୍ରିକେଟ ଉଦ୍‌ଯାପିତ: ବାବୁ ଭାଇଜାନ ଟିମ୍ ଚମ୍ପିୟାନ



ବସ୍ତା, ୯/୧ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦରଖୁଲି ପ୍ରିମିୟର ଲିଗ (ଡିପିଏଲ ) ଟି -୧୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ସମାଜସେବୀ ତଥା ବିଶିଷ୍ଟ ଶିଳ୍ପପତି ଅବଦୁଲ ଅମିନ ଖାନଙ୍କ ପ୍ରଯୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଜେଏସ ଇଲେଭେନ ଟିମକୁ ୨୩ ରନରେ ପରାସ୍ତ କରି ବାବୁ ଭାଇଜାନ ଟିମ ଚଳିତ ବର୍ଷ ଚମ୍ପିୟାନ ହୋଇଛି । ଟସ ଜିଣି ବାବୁ ଭାଇଜାନ ଟିମ ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୪୮ରନ ସଂଗ୍ରହ ହୋଇଥିଲା । ବ୍ୟାଟ୍ସ ମ୍ୟାନ ରାଜା ସିଂ ସର୍ବାଧିକ ୭୫ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଜବାବରେ ଜେଏସ ଇଲେଭେନ ୫ ଉଇକେଟ ହରାଇ ୧୨୫ ରନ କରି ରନର୍ସ ଅପ ହୋଇଥିଲା । ଆମ୍ପାୟର କୃଷ୍ଣନିଧି ଦେ ଓ ଲାଲବାହାଦୁର ସିଂ ମ୍ୟାଚ ପରିଚାଳନା କରିଥିଲେ । ପ୍ରଦୀପ ସିଂ ଓ ସଦାଶିବ ସାହୁ ସ୍କୋରିଙ୍ଗ ଦାୟିତ୍ୱରେ ଥିଲେ । ତାରାକାନ୍ତ ସିଂ ଓ କ୍ରିଷ୍ଣଗୋପାଲ ଦାସ ଧାରା ବିବରଣୀ ଶୁଣାଇଥିଲେ । କ୍ଲବ ସଭାପତି ରବିରାମ ସିଂଙ୍କ ପୌରାହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ବାଞ୍ଛାନିଧି ଦେ,ସମ୍ମାନିତ ଅତିଥି ବାବୁ ଭାଇଜାନଙ୍କ ପ୍ରତିନିଧି ମୁଦାସୀର ଖାନ ଓ ମାନସ ମିଶ୍ର ଯୋଗ ଦେଇ ଚମ୍ପିୟାନ ଟିମକୁ ୧୬ ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ୧୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ ।

# ଗ୍ରାମବାସୀଙ୍କ ପକ୍ଷରୁ ବାସନ୍ଦ ପ୍ରତିବାଦରେ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ

ଜଳେଶ୍ୱର , ୯/୧ (ନି.ପ୍ର): ଜଳେଶ୍ୱର ବ୍ଲକର ଖୁଲୁଡା ପଂଚାୟତ ଅଧିନ ସାହାପୁର ଗ୍ରାମର ପ୍ରଦୀପ କୁମାର ସାହୁ ଓ ଗ୍ରାମର କେତେକ ବ୍ୟକ୍ତିଙ୍କ ମଧ୍ୟରେ ଜମିଜମକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏ ସଂପର୍କରେ ଶ୍ରୀ ସାହୁ କୋର୍ଟର ଆଶ୍ରୟ ନେଇଥିବା ବେଳେ କେତେକ ଗ୍ରାମବାସୀ ତାଙ୍କୁ ମାରିଦେବାର ଧମକ ଦେବା ସହିତ ମାନସିକ ଓ ଶାରୀକ ଯନ୍ତଣା ଦେଇ ଆସୁଥିବା ସଂପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏପରିକି ତାଙ୍କ ଘରକୁ ଥିବା ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରିବା, ଟ୍ୟୁବ୍‌ୱେଲରୁ ପାଣି ନ ହେବା, ବିଲକୁ ଯିବାକୁ ନ ଦେବା, ସର୍ବସାଧାରଣ ରସ୍ତା ବନ୍ଦ କରିବା, ସ୍କୁଲରେ ତାଙ୍କ ପିଲାକୁ ପାଠ ପଢିବାକୁ ନ ଦେବା ଓ ସର୍ବୋପରି ଘର ପୋଡିଦେବାର ଧମକ୍ ଏପରିକି କେତେକ ଗ୍ରାମବାସୀଙ୍କ ଦ୍ୱାରା ଗାଁରେ ବାସନ୍ଦ କରାଯାଇଥିବାରୁ ଏଥିରୁ ରକ୍ଷା ପାଇବାକୁ ସେ ଜିଲାପାଳଙ୍କୁ ନିବେଦନ କରିଥିଲେ । ଏ ସଂପର୍କରେ ଏସ୍‌ପି ସାଗରିକା ନାଥ ଅଭିଯୋଗ ଗ୍ରହଣ କରି ଖୁବ୍‌ଶୀଘ୍ର ସେ ସଂପର୍କରେ ରିପୋର୍ଟ ଦେବାକୁ ଜଳେଶ୍ୱର ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ମଧୁସୂଦନ ସରକାରୀ କଲ୍ୟାଣମଣ୍ଡପରୁ ସନ୍ଦେହ ଜନକ ମହିଳା ତୀର୍ଥଯାତ୍ରୀଙ୍କ ମୃତ ଦେହ ଉଦ୍ଧାର



ବସ୍ତା, ୯/୧ (ନି.ପ୍ର): ବସ୍ତା ଥାନା ରାଜଘାଟ ବାରୁଣୀପଡିଆ ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱ ମଧୁସୂଦନ ସରକାରୀ କଲ୍ୟାଣ ମଣ୍ଡପରୁ ମଙ୍ଗଳବାର ସକାଳ ୮ ଟା ସମୟରେ ମହିଳା ତୀର୍ଥଯାତ୍ରୀଙ୍କ ସନ୍ଦେହ ଜଣକ ଅବସ୍ଥାରେ ମୃତ ଦେହ ଉଦ୍ଧାର ହୋଇଛି । ମୃତ ମହିଳା ଜଣକ ହେଲେ ଉତ୍ତରପ୍ରଦେଶ ଆଗ୍ରା ସିକନ୍ଦରା ଅଞ୍ଚଳର ପ୍ରେମଲତା । ସୂଚନା ଅନୁଯାୟୀ ଉତ୍ତରପ୍ରଦେଶ ଆଗ୍ରା ଡିଙ୍ଗର ଅଞ୍ଚଳର ୫୫ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଅନୁଷ୍କା ନାମକ ଏକ ବସ ଯୋଗେ ବୈଦ୍ୟନାଥରୁ ପୁରୀକୁ ତୀର୍ଥ ଭ୍ରମଣ କରିବାକୁ ଯାଉଥିବା ବେଳେ ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ବାରୁଣୀ ପଡ଼ିଆରେ ବସ ରଖି ସ୍ଥାନୀୟ ମଧୁସୂଦନ ସରକାରୀ କଲ୍ୟାଣ ମଣ୍ଡପ ଗୃହରେ ରାତ୍ରୀ ଯାପନ କରିଥିଲେ । ତନ୍ମଧ୍ୟରୁ ପ୍ରେମଲତା ଆଜି ସକାଳେ ଉକ୍ତ ଗୃହରେ ସନ୍ଦେହ ଜନକ ଅବସ୍ଥାରେ ପଡ଼ିଥିବାର ଦେଖି ସାଥୀ ପର୍ଯ୍ୟଟକ ତାଙ୍କୁ ସଙ୍ଗେ ସଙ୍ଗେ ଘରୋଇ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ନେଇଥିଲା । ମାତ୍ର ଡ଼ାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ତଦନ୍ତ ଜାରୀ ରଖିଛି ।

## ମଣିପୁରରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ଇମ୍ଫାଲ, ୯/୧ (ନି.ପ୍ର): ମଣିପୁରରେ ଇମ୍ଫାଲ ପୋଲିସ ଓ ସୁରକ୍ଷାବଳ ପକ୍ଷରୁ ମିଳିତ ଅଭିଯାନ ସମୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ଜବତ କରାଯାଇଛି । ମଣିପୁର ପୋଲିସ ପକ୍ଷରୁ ଦିଆଯାଇଥିବା ଔପଚାରିକ ସୂଚନା ମୁତାବକ ଇମ୍ଫାଲ ପଶ୍ଚିମ, ଥୌବଲ, ଇମ୍ଫାଲ ପୂର୍ବ ତଥା କାକଚିଙ୍ଗ ଜିଲ୍ଲାର ସୀମାନ୍ତ ଓ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷାବଳ ପକ୍ଷରୁ ଅଭିଯାନକୁ ଜୋରଦାର କରାଯାଇଛି । ଅପରେସନ ସମୟରେ କାକଚିଙ୍ଗ ଜିଲ୍ଲାରୁ ଦୁଇଟି ଏସବିବିଏଲ ଦେଶରେ ନିର୍ମିତ, ଏବେ ୮୧ ସେଲ୍, ଗୋଟିଏ ବାଓଫେଙ୍ଗ ୱାକିଟକି, ୫ଟି ଗ୍ରେନେଡ ଜବତ କରାଯାଇଛି । ସୁରକ୍ଷାବଳ ପକ୍ଷରୁ ମଣିପୁରରେ ଅଭିଯାନ ଜାରି ରହିଛି ।

## ପ୍ରବାସୀ ଭାରତୀୟ ଦିବସର ଶୁଭେଚ୍ଛା ଜଣାଇଲେ ପିଏମ ମୋଦି

ନୂଆଦିଲ୍ଲୀ, ୯/୧ : ଆଜି ହେଉଛି ପ୍ରବାସୀ ଭାରତୀୟ ଦିବସ । ଏହି ଅବସରରେ ପ୍ରବାସୀ ଭାରତୀୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସାରା ବିଶ୍ୱରେ ଭାରତୀୟଙ୍କ ଅବଦାନ ଏବଂ ସଫଳତାକୁ ପାଳନ କରିବା ପାଇଁ ଏହା ଏକ ଦିନ । ଆମର ସମୃଦ୍ଧ ଐତିହ୍ୟର ସଂରକ୍ଷଣ ତଥା ବିଶ୍ୱସ୍ତରୀୟ ସମ୍ପର୍କକୁ ଦୃଢ କରିବା ଦିଗରେ ସେମାନଙ୍କର ଉତ୍ସର୍ଗୀକୃତତା ପ୍ରଶଂସନୀୟ । ସମଗ୍ର ବିଶ୍ୱରେ ଭାରତର ଆତ୍ମାକୁ ପରିପ୍ରକାଶ କରି ଏକତା ଏବଂ ବିବିଧତାର ଭାବନାକୁ ସେମାନେ ବୃଦ୍ଧି କରାନ୍ତି ।

# ସ୍ୱର୍ଣ୍ଣଚୁଡ ମହୋତ୍ସବର ଭୂମି ପୂଜନ: ଆସନ୍ତା ୧୧ରେ ଆରମ୍ଭ ହେବ ମହୋତ୍ସବ



ନୀଳଗିରି , ୯/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସର୍ବବୃହତ୍ ଯୁବ ମହୋତ୍ସବ ସ୍ୱର୍ଣଚୁଡ ଯୁବ ମହୋତ୍ସବ ଆସନ୍ତା ଜାନୁଆରୀ ୧୧ତାରିଖରେ ଆରମ୍ଭ ହୋଇ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ଦଶଟା ପରେ ଶୁଭ ମୁହୂର୍ତ୍ତରେ ନୀଳଗିରିସ୍ଥିତ କେ. ସି ହାଇସ୍କୁଲ ପଡ଼ିଆରେ ଭୂମି ପୂଜନ କରାଯାଇ ଶ୍ରୀଗଣେଶ କରାଯାଇଥିଲା । ମହୋତ୍ସବର ଆବାହକ ସବ୍ୟସାଚୀ ମହାପାତ୍ର କର୍ତ୍ତା ଭାବରେ ଭୂମି ପୂଜନ କରିଥିଲେ । ଦୀର୍ଘ ୪ଦିନଧରି ଉଭୟ ବଲିଉଡ ଏବଂ ଓଲିଉଡର ସୁପରଷ୍ଟାର ସିଙ୍ଗର, ନାମୀଦାମୀ ଅଭିନେତା, ହାସ୍ୟାଭିନେତା ମାନଙ୍କୁ ନେଇ ନୀଳଗିରି ସହର ଝୁମିବ । ମହୋତ୍ସବ କମିଟିର ଏଭଳି କାର୍ଯ୍ୟକ୍ରମ ସହ ବହୁ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଦୀର୍ଘ ୧୫ଦିନଧରି ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଅଞ୍ଚଳବାସୀ ତଥା ଯୁବ ସମାଜ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଭୂମିପୂଜନ କାର୍ଯ୍ୟକ୍ରମରେ କମିଟିର ଉଦ୍ୟକ୍ତା ସର୍ବଶ୍ରୀ ବିଜୟ ଲେଙ୍କା, ବିଦ୍ୟାଧର ଖଟୁଆ, କମଳାକାନ୍ତ ମୁଖୀ, ନିଗମ ମହାପାତ୍ର, ପ୍ରତାପ ସେଠୀ, ଦୀପକ ରଂଜନ ଦାସ, ଡମ୍ବରୁଧର ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଳାଡ଼ିହା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ




ଲଙ୍ଗଳେଶ୍ୱର, ୯/୧ (ନି.ପ୍ର): ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତରେ ସୋମବାର ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ବରିଷ୍ଠ କର୍ମୀ ପୂର୍ଣ୍ଣ ଜେନା ଏଥିରେ ସଭାପତିତ୍ୱ କରିଥିଲେ । କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ କର୍ମୀମାନଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏବଂ କିଛି ସମସ୍ୟାର ସମାଧାନ ମଧ ସଙ୍ଗେ ସଙ୍ଗେ ହୋଇଥିଲା । ଏବଂ ଦଳର ସଂଗଠନ ବିଷୟରେ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ଲାଭ ପ୍ରତିଟି ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ମୋର ସ୍ୱପ୍ନ ଓ ପ୍ରତିବଦ୍ଧ ବୋଲି କହିଥିଲେ । ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ କର୍ମୀମାନଙ୍କୁ ଶପଥ କରାଇଥିଲେ । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଏବଂ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ଅନେକ କର୍ମୀ ଅନ୍ୟ ଦଳରୁ ଆସି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ବିଜେଡି ଜିଲ୍ଲା ଉପ ସଭାପତି ଦେବ କୁମାର ଦେ, କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବ୍ଲକ ମହିଳା ସଭାପତି କସ୍ତୁରୀବାଳା ପାତ୍ର, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ପୂର୍ବତନ ବ୍ଲକ ସଭାପତି ଚକ୍ରଧର ଗିରି, ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳ ଲୋଚନ କର, ଯୁବନେତା ସନ୍ତୋଷ ମାହାଳିକ, ଜୟାନନ୍ଦ କୁହ୍ଲାରୀ, ଜଗବନ୍ଧୁ ଜେନା, ରାମକୃଷ୍ଣ ପାତ୍ର, ପ୍ରଭାକର ଜେନା ପ୍ରମୁଖ ବହୁ ନେତା,କର୍ମୀ ଓ ଶତାଧିକ ମହିଳା ଯୋଗଦେଇଥିଲେ ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଗଢ଼ିଲା ଅର୍ପଣ ରଥ: ଅକ୍ଷତ ଚାଉଳ ଓ ଗୁଆ ହେଲା ସଂଗ୍ରହ



ବାରିପଦା, ୯/୧ (ନି.ପ୍ର): ବିଶ୍ୱନିୟନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜାନୁଆରୀ ୧୭ ତାରିଖରେ ଲୋକାର୍ପଣ ହେବ । ଏଥି ସହିତ ଓଡ଼ିଶା ସମେତ ଶ୍ରୀମନ୍ଦିର ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହେବ । ଉକ୍ତ ଭବ୍ୟ ଆୟୋଜନ ପାଇଁ ରାଜ୍ୟବ୍ୟାପୀ ଜଗନ୍ନାଥମୟ ପରିବେଶ ସୃଷ୍ଟି କରିବା ପାଇଁ ଶ୍ରୀଜଗନ୍ନାଥ ପ୍ରଚାର 'ଅର୍ପଣ' ରଥ ପରିକ୍ରମା କରୁଛି । ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବଡ଼ବଜାର ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜିଉ ବିଜେଙ୍କ ମନ୍ଦିର ସମ୍ମୁଖରେ ଅର୍ପଣ ରଥ ଶୁଭାରମ୍ଭ ହୋଇଛି । 'ଜୟ ଜଗନ୍ନାଥ' ଧ୍ୱନିରେ ବଡ଼ଦାଣ୍ଡ ପ୍ରକମ୍ପିତ ହେବା ସହ ଭଜନ କୀର୍ତ୍ତନ ମଧରେ ଜଗନ୍ନାଥମୟ ପରିବେଶ ସୃଷ୍ଟି ହୋଇଥିଲା । ବାରିପଦା ପୌରପାଳିକାର ସମସ୍ତ ୱାର୍ଡରେ ଉକ୍ତ ରଥ ଗୁଡିକ ପରିକ୍ରମା କରି ପ୍ରତି ଘରୁ ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରିବ । ଏହା ସଂଗ୍ରହ କରି ଶ୍ରୀକ୍ଷେତ୍ର ଅଭିମୁଖେ 'ଅର୍ପଣ ରଥ' ଯାତ୍ରା କରିବ । ଆସନ୍ତା ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତ ୨୮ଗୋଟି ୱାର୍ଡ ପରିକ୍ରମା କରି ପ୍ରତିଟି ପରିବାର ଘରରୁ ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରିବ । ଶ୍ରଦ୍ଧା ଓ ଭଲପାଇବାର ସହ ସମର୍ପଣ ଭାବନାରେ ଜନସାଧାରଣ 'ଅର୍ପଣ ରଥ'କୁ ପ୍ରଦାନ କରିବେ । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଓ ସଂରକ୍ଷଣ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆଭିମୁଖ୍ୟ ନେଇ ପୁରପଲ୍ଲୀରେ ପ୍ରଚାର ମଧ କରାଯିବ । ଲୋକାର୍ପଣ ଉତ୍ସବକୁ ଜିଲ୍ଲାବାସୀ ଦେଖିବାପାଇଁ ପଞ୍ଚାୟତ ସ୍ତରରେ ଏଲ୍ ?ଇଡି ଟିଭି ଲଗାଯାଇ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ କରାଯିବ । ସୂଚନା ଥାଉ କି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ପ୍ରକଳ୍ପ 'ଶ୍ରୀମନ୍ଦିର ପରିକ୍ରମା' ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ । ଏନେଇ ସବୁଠି ଉତ୍ସବର ପରିବେଶ ସୃଷ୍ଟି ହୋଇଛି । ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ସବୁ ଲୋକେ ପୁରୀଆସିବା ସମ୍ଭବ ନ ଥିବାରୁ ପ୍ରତି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି । ଅର୍ପଣ ରଥ ପ୍ରତ୍ୟେକ ଘର ବୁଲି ଏହା ସଂଗ୍ରହ କଲା ପରେ ଏକ ମନ୍ଦିରରେ ସଂଗୃହିତ ଗୁଆ ଓ ଅକ୍ଷତ ରଖାଯିବ । ସେଠାରୁ ପରିକ୍ରମା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଗାଡ଼ିରେ ପୁରୀ ଅଣାଯାଇ ମହାପ୍ରଭୁଙ୍କୁ ସମର୍ପଣ ହେବ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାନ୍ସଦା, ରାଜ୍ୟ କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ମହିଳା ସଭାପତି ଦୀପ୍ତିଲତା ମିଶ୍ର ଏବଂ ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଷଣ୍ଢ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ : ସ୍ଥାନୀୟ ଲୋକେ ଭୟଭୀତ

ଧର୍ମଶାଳା, ୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ପଂଚାୟତସ୍ଥ ମଠସାହି ଗ୍ରାମରେ ଏକ ଅଘଟଣ ଘଟିଛି । ଉତ୍ୟକ୍ତ ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ମଠସାହି ଗ୍ରାମର ଅଲେଖ ମଳିକ(୬୫)ବୋଲି ଜଣାପଡିଛି । ଏହି ଷଣ୍ଢ ଆକ୍ରମଣ ଘଟଣାରେ ସ୍ଥାନୀୟ ଲୋକେ ଭୟଭିତ ହୋଇପଡିଛନ୍ତି । ତୁରନ୍ତ ପ୍ରଶାସନ ଷଣ୍ଢଟିକୁ ଅନ୍ୟତ୍ର ଛାଡି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି । ସୂଚନା ମୁତାବକ,ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ମଠସାହି ଗ୍ରାମର ଆଲେଖ ଆଜି ସକାଳ ୮ଟା ସମୟରେ ଘର ନିକଟରେ ଥିବା ବାଡିରେ ବସିଥିଲେ । ସେହି ସମୟରେ ଏକ ଉତ୍ୟକ୍ତ ଷଣ୍ଢ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଉପରେ ଚଢି ଯାଇଥିଲା । କିଛି ସମୟ ମାଟିରେ ଗଡାଇ ଗଡାଇ ରକ୍ତଜୁଡୁବୁଡୁ କରି ଦେଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo